## ସଂକ୍ଷେପରେ

### ସରକାରୀ ଜମି ଜବରଦଖଲକୁ ବିରୋଧ କରିବାରୁ ଆକ୍ରମଣ

ଭଣ୍ଡାରିପୋଖରୀ,୮।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତର କଇଁସିରା ଗ୍ରାମରେ ଥିବା ଏକ ସରକାରୀ ଜମିକୁ ପୁନଃ ଜବରଦଖଲକୁ ପ୍ରତିବାଦ କରିବାରୁ ଆକ୍ରମଣ ନେଇ ବିକାଶ କୁମାର ସାହୁ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଶୁକ୍ରବାର ସକାଳେ ଗ୍ରାମର କେତେଜଣ ଲୋକ ମିଳିତ ଭାବେ ଉକ୍ତ ଜମିକୁ ଜବରଦଖଲ କରିବା ଉଦ୍ଦେଶ୍ୟରେ ବାଡ଼ ବୁଜୁଥିଲେ। ଏହି ଜମିକୁ ପୂର୍ବରୁ ମଧ ଜବରଦଖଲ କରିଥିଲେ। ୨୦୨୧ରେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ୩ ବର୍ଷ ପରେ ସେମାନେ ପୁନର୍ବାର ଜବରଦଖଲ ପାଇଁ ବାଡ଼ ବୁଜିବାରୁ ବିକାଶ ଏହାକୁ ବିରୋଧ କରିଥିଲେ। ଜବରଦଖଲକାରୀମାନେ ମିଳିତ ଭାବେ ତାଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ ବୋଲି ବିକାଶ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ଥାନାରେ ୬ଜଣଙ୍କ ନାମରେ ମାମଲା (ନଂ.୨୩୯/୨୪) ରୁଜୁ ହୋଇଛି।

### ବାଇକ୍ ନ ଠେଲିବାରୁ ମାଡ଼, ଗାଳିଗୁଲଜ

ଭଣ୍ଡାରିପୋଖରୀ,୮।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ନେରଡ଼ା ଗ୍ରାମର ରଙ୍ଗାଧର ବୋଇତାଇଙ୍କ ସ୍ତ୍ରୀ ଓ ୨ ପୁଅଙ୍କୁ ମାଡ଼, ଗାଳିଗୁଲଜ ନେଇ ଅଭିଯୋଗ ହୋଇଛି। ଏନେଇ ରଙ୍ଗାଧରଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ଗ୍ରାମର ଜଗା ମଲିକଙ୍କ ନାମରେ ଥାନାରେ ମାମଲା (ନଂ.୨୩୮/୨୪) ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ରଙ୍ଗାଧରଙ୍କ ଘର ସମ୍ମୁଖ ରାସ୍ତାରେ ଜଗା ବାଇକ୍‌ରେ ଯାଉଥିବା ବେଳେ ତେଲ ସରିଯାଇଥିଲା। ସେ ବାଇକ୍ ଗଡ଼ାଇ ଗଡ଼ାଇ ନେବା ଲକ୍ଷ୍ୟରେ ରଙ୍ଗାଧରଙ୍କ ୨ ପୁଅଙ୍କୁ ପଛରୁ ଠେଲିବାକୁ କହିଥିଲେ। ସେମାନେ ନ ଶୁଣିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ଜଗା ୨ଜଣଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାର ପ୍ରତିବାଦ କରିବାରୁ ରଙ୍ଗାଧରଙ୍କ ସ୍ତ୍ରୀଙ୍କୁ ମଧ ଜଗା ଟଣାଘୋଷରା କରିଥିଲେ।

### ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ

ଭୋଗରାଇ, ୮।୬( ପ୍ରଦୀପ ଦାସ )

ବାଲେଶ୍ୱର ଜିଲା ଭୋଗରାଇ ଥାନା ଗୁଡ଼ୁରୀହାଜିରା ଗ୍ରାମରେ ଶନିବାର ସକାଳେ ଜଣେ ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା(ନଂ.୨୫୩/୨୪) ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ଉକ୍ତ ଗ୍ରାମର ଆଲୋକ ଗିରିଙ୍କ ସ୍ତ୍ରୀ ମାମୁନି ଗିରି (୨୫)ଙ୍କ ଶନିବାର ସକାଳେ ଶୋଇଥିବା ବେଳେ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି । ମୃତ ମହିଳାଙ୍କ ବାପଘର ପଶ୍ଚିମବଙ୍ଗ ମେଦିନୀପୁର ଜିଲା ରାମନଗର ଥାନା ଅଧୀନରେ ଥିବା ପୂର୍ବ ରାନିଆ ଅଞ୍ଚଳରେ। ମାମୁନିଙ୍କ ବାପା ଜୟନ୍ତ ବର ଓ ତାଙ୍କର ପରିବାର ଲୋକେ ଝିଅର ମୃତ୍ୟୁ ଖବର ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ଝିଅକୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି। ମାମୁନି ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ଆଲୋକ କହିଛନ୍ତି।

# ଶିବବିବାହ ପାଇଁ ଚାଲିଛି ପ୍ରସ୍ତୁତି

## ଆଖଣ୍ଡଳମଣି ପୀଠ

- ସମୀକ୍ଷା କଲେ ଉପଜିଲାପାଳ
- ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା, ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭଦ୍ରକ,୮।୬ (ସନାତନ ରାଉତ)


ସମୀକ୍ଷା ବୈଠକରେ ଉପଜିଲାପାଳ ମନୋଜ ପାତ୍ର ଓ ଅନ୍ୟମାନେ।

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଆସନ୍ତା ୧୧ ତାରିଖରେ ଶିବବିବାହ ମହାଆଡ଼ମ୍ବରରେ ଅନୁଷ୍ଠିତ ହେବ। ଦେବଦମ୍ପତିଙ୍କ ବିବାହ ଉତ୍ସବ ଲୌକିକ ଓ ବୈଦିକ ରୀତିନୀତିରେ ହେଉଥିବାରୁ ଚଳିତବର୍ଷ ମନୋନୀତ ହୋଇଥିବା ବରପିତା କେଦାରନାଥ ପାଢ଼ୀ ଓ କନ୍ୟାପିତା ଗଦାଧର ପାଢ଼ୀଙ୍କ ଘରେ ସାଜସଜ୍ଜା ଚାଲିଛି। ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ ପତ୍ର ଓ ମଙ୍ଗୁଳା ଗୁଆ ବଣ୍ଟା ଯାଇ ବିବାହ ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଉଛି। ଅନ୍ୟପଟେ ବିବାହ ଉତ୍ସବ ଯେପରି ଶାନ୍ତିଶୃଙ୍ଖଳାର ସହ ସମାପନ ହେବ ସେଥିପାଇଁ ମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ପୀଠରେ ସମୀକ୍ଷା କରାଯାଇଛି।

ଜିଲାପାଳଙ୍କ ପରାମର୍ଶକ୍ରମେ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ମନୋଜ ପାତ୍ର ପୀଠରେ ପହଞ୍ଚି ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ଦିର ଅତିଥି ଭବନରେ ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବିବାହ ଉତ୍ସବ ଦିନ ବରଧରା ଓ ବରାନୁଗମନ ଶୋଭାଯାତ୍ରାରେ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୀଠରେ ୨୪ ଘଣ୍ଟିଆ ବିଜୁଳି ସେବା ସହ ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଉପଜିଲାପାଳ ଆଲୋଚନା କରିଥିଲେ। ସେହିପରି ପୀଠରେ ଟ୍ରାଫିକ ବ୍ୟବସ୍ଥା ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ। ଏଥିସହ ବିବାହ ଉତ୍ସବର ନୀତିକାନ୍ତି ଓ ସମସ୍ତ ପ୍ରସ୍ତୁତି ଯଥାରୀତି ଅନୁଯାୟୀ କରାଯିବାକୁ ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ପୀଠରେ ବିବାହ ମଣ୍ଡପ ଓ ବେଦି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଆସନ୍ତା ୧୦ରେ ମଙ୍ଗଳପାକ ନୀତି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ବୈଠକରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ, ବରିଷ୍ଠ ସେବାୟତ, ମନ୍ଦିର ପରିଚାଳକ, ପୋଲିସ ଅଧିକାରୀ, ବ୍ଲକ ଅଧିକାରୀ, ଜଳ ପରିମଳ ବିଭାଗ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା


ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭଦ୍ରକ, ୮।୬ (ସନାତନ ରାଉତ)

ଭଦ୍ରକ ସର୍ବୋଦୟ ମଣ୍ଡଳ ପକ୍ଷରୁ ନବନିର୍ବାଚିତ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲା ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସମ୍ପାଦକ ଗୟାଧର ପଣ୍ଡା, ବରିଷ୍ଠ ଉପସଭାପତି ଅଧିବକ୍ତା ଆଦିତ୍ୟ ନାୟକ, ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ, ଭବାନୀ ନାୟକ, ସଂଯୁକ୍ତା ଯାଦବ ପ୍ରମୁଖ ନବନିର୍ବାଚିତ ବିଧାୟକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଭଦ୍ରକର ସର୍ବାଙ୍ଗୀନ ଉନ୍ନତି ଓ ନିଶା ନିବାରଣ ନିମନ୍ତେ ଗୁରୁତ୍ୱ ଦେବାକୁ ସେମାନେ ତାଙ୍କୁ ନିବେଦନ କରିଥିଲେ। ଏଥିନିମନ୍ତେ ଉଦ୍ୟମ ଜାରି ରଖିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

# ପାଇଥିବା ୪୦ ହଜାର ଟଙ୍କା ଫେରାଇଲେ

## ଯୁବତୀଙ୍କ ମହାନତା

ଧାମନଗର,୮।୬ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)


ରଘୁନାଥପୁର ଗ୍ରାମର ରାଣୀ ଦେହୁରୀ ପାଇଥିବା ଟଙ୍କାକୁ ତାଙ୍କ ବାପା ଶିକ୍ଷୟିତ୍ରୀଙ୍କୁ ଫେରାଉଛନ୍ତି।

ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ହଜି ଯାଇଥିବା ୪୦ ହଜାର ଟଙ୍କା ଫେରାଇ ମହାନତା ଦେଖାଇଛନ୍ତି ଧାମନଗର ବ୍ଲକ ଅଧୀନ ମୁସ୍ତାଫାପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଦିନମଜୁରିଆ ରବୀନ୍ଦ୍ର ଦେହୁରୀଙ୍କ ଝିଅ ରାଣୀ(୧୮)। ଦୋବଲ କାଳୀବଜାରରେ ରହୁଥିବା ଶିକ୍ଷୟିତ୍ରୀ ପୁଷ୍ପିତା ମିଶ୍ର ବୁଧବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏଟିଏମ୍‌ରୁ ୪୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଦୋବଲ ରାସ୍ତାରେ କେଉଁଠାରେ ଟଙ୍କା ପଡ଼ିଯାଇଥିଲା। ଅନେକ ଖୋଜାଖୋଜି କରିବା ପରେ ମଧ ସେ ଟଙ୍କା ପାଇ ନ ଥିଲେ। ପରେ ସାମାଜିକ ଗଣମାଧମରେ ଏହି ଖବର ଭାଇରାଲ ହୋଇଥିଲା। ରାଣୀ ଉକ୍ତ ୪୦ ହଜାର ଟଙ୍କା ପାଇଥିଲେ। ସାମାଜିକ ଗଣମାଧମରୁ ହଜିଥିବା ଟଙ୍କା କଥା ଜାଣିବା ପରେ ସେ ତାଙ୍କ ବାପା ରବୀନ୍ଦ୍ରଙ୍କୁ ଟଙ୍କା ଦେଇ ଶିକ୍ଷୟିତ୍ରୀଙ୍କୁ ଫେରାଇ ଦେବାକୁ କହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ଶିକ୍ଷୟିତ୍ରୀ ପୁଷ୍ପିତାଙ୍କୁ ଭେଟି ଟଙ୍କା ଫେରାଇ ଦେଇଛନ୍ତି। ହଜିଥିବା ଟଙ୍କା ପାଇ ପୁଷ୍ପିତା ଖୁସିବ୍ୟକ୍ତ କରିଥିଲେ। ଜଣେ ଛାତ୍ରୀ ଏତେ ଟଙ୍କା ପାଇ ଲୋଭ ନ ରଖି ଫେରାଇବା ଅନ୍ୟ ପାଇଁ ଉଦାହରଣ ବୋଲି ସେ କହିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପୂର୍ବଶତ୍ରୁତାରୁ ଭାଉଜ, ଦିଅରଙ୍କୁ ଆକ୍ରମଣ

ତିହିଡ଼ି,୮।୬ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମରେ ଶୁକ୍ରବାର ପୂର୍ବଶତ୍ରୁତାରୁ ଭାଉଜ ଓ ଦିଅରଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ଚୈତନ୍ୟ ମହାଲିକଙ୍କ ମା' ଜ୍ୟୋତ୍ସ୍ନା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୪/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଚୈତନ୍ୟଙ୍କ ପରିବାର ସହ ଗ୍ରାମର ଅକ୍ଷୟ ଦାସଙ୍କ ପରିବାରର ପୂର୍ବରୁ ଶତ୍ରୁତା ଥିଲା। ଚୈତନ୍ୟଙ୍କ ପରିବାରର କୋଇଲି ଶୁକ୍ରବାର ପୂର୍ବାହ୍ନରେ ସରକାରୀ ନଳକୂପରୁ ପାଣି ଆଣିବାକୁ ଯାଇଥିବା ବେଳେ ସେଠାରେ ଗାଧୋଉଥିବା କେତେଜଣ ଯୁବକଙ୍କୁ ନଳକୂପ ଛାଡ଼ିବାକୁ କହିଥିଲେ। ଏହାକୁ ନେଇ ଅକ୍ଷୟ ଓ ଚୈତନ୍ୟଙ୍କ ପରିବାର ଲୋକଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ଅକ୍ଷୟ ଓ ଅନ୍ୟମାନେ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଚୈତନ୍ୟ ଓ ତାଙ୍କ ଭାଉଜ ଧରିତ୍ରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ଅକ୍ଷୟଙ୍କ ଅଭିଯୋଗକ୍ରମେ ପ୍ରତିପକ୍ଷଙ୍କ ନାଁରେ ମଧ ଏକ ମାମଲା (ନଂ.୧୪୫/୨୪) ରୁଜୁ ହୋଇଛି।

### ଦୁର୍ଘଟଣାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

ବାଲିଆପାଳ, ୮।୬(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଶ୍ରୀରାମପୁର ଗ୍ରାମର ସାମାଜିକ କର୍ମୀ ଜୀବନକୃଷ୍ଣ ପାତ୍ର(୪୦) ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ କଟକସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଗତ ବୁଧବାର ସନ୍ଧ୍ୟାରେ ନିଜ ଘରୁ କୌଣସି କାର୍ଯ୍ୟରେ ବାଲିଆପାଳ ଯାଉଥିବା ବେଳେ ଦେଭୋଗ ଛକରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ୨ ଦିନ ଚିକିତ୍ସା ପରେ ତାଙ୍କର ମୃତ୍ୟୁ ଘଟିଛି।

# ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା କଂଗ୍ରେସ


କଂଗ୍ରେସ କର୍ମକର୍ତ୍ତାମାନେ ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି।

ତିହିଡ଼ି, ୮।୬ (ସଞ୍ଜିତ ବଳ)

ବାସୁଦେବପୁର ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ଅଶୋକ କୁମାର ଦାସଙ୍କୁ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତିହିଡ଼ିସ୍ଥିତ କାର୍ଯ୍ୟାଳୟରେ କଂଗ୍ରେସର ନେତା ଓ କର୍ମୀମାନେ ବିଧାୟକ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ, ଯୁବ ସଂଯୋଜକ ବିପିନ ବିହାରୀ ପତି, ବରିଷ୍ଠ ନେତା ଗଣେଶ ମଲିକ, ମୀନକେତନ ସେନାପତି, ସୁରେଶ ମହାପାତ୍ର, କୈଳାସ ପାତ୍ର, ମାଧବାନନ୍ଦ ନାୟକ, ଅଲେଖ ବଳ, କରୁଣାକର ମହାରଣା, ଶିବପ୍ରସାଦ ନାୟକ, ବେଣୁଧର ଦାସ, ସୁଧାଂଶୁ ମାହୁନ୍ତ, ତ୍ରିଲୋଚନ ଗୌତମ, ଗୋରାବାବୁ ସାହା, ସୌମ୍ୟଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟକ ନୂଆପାଟଣା ଓ ସିନ୍ଦୋଳସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏଥିସହ ସେ ସନ୍ଥପୁରାସ୍ଥିତ ପୀରବାବାଙ୍କ ଉପରେ ଚାଦର ଚଢ଼ାଇଥିଲେ।

# ରାଜନୈତିକ ଆକ୍ରୋଶରୁ ଦୋକାନୀଙ୍କୁ ଆକ୍ରମଣ

ଭଣ୍ଡାରିପୋଖରୀ,୮।୬ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଆଖୁଆପଦା ଛକରେ ରାଜନୈତିକ ଆକ୍ରୋଶରୁ ଜଣେ ଚିକେନ ଦୋକାନୀଙ୍କୁ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୋକାନୀ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅଧୀନ ବଲାଙ୍ଗି ଗ୍ରାମର ଅଧିକାରୀ ନାୟକ। ସେ ଆଖୁଆପଦା ଛକରେ ଚିକେନ ଦୋକାନ କରିଛନ୍ତି। ଏନେଇ ସେ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଦଳର ବ୍ୟାନର ଦୋକାନ ସମ୍ମୁଖରେ ଟଙ୍ଗା ଯାଇଥିବାରୁ ଗତ ୧ ତାରିଖରେ ଆଖୁଆପଦା ଗ୍ରାମର ବାବୁଲି ସାହୁ, ତାଙ୍କ ୨ ପୁଅ ଓ ଅନ୍ୟ ୨ଜଣ ମିଳିତ ଭାବେ କଟୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ୧୧ ହଜାର ଟଙ୍କା ଓ ସୁନାମୁଦି ନେଇ ଯାଇଛନ୍ତି। ଏପରିକି ପରିବାରକୁ ନେଇ ଆଖୁଆପଦା ଛାଡ଼ି ପଳାଇବାକୁ ଆକ୍ରମଣକାରୀମାନେ ତାଙ୍କୁ ଧମକ ଦେଇଥିଲେ। ଆକ୍ରମରରେ ଆହତ ଅଧିକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମେଡିକାଲରୁ ଫେରି ସେ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଅଧିକାରୀଙ୍କ ଅଭିଯୋଗକ୍ରମେ ଥାନାରେ ବାବୁଲି ସାହୁ, ୨ପୁଅ ଓ ଅନ୍ୟ ୨ଜଣଙ୍କ ନାମରେ ମାମଲା (ନଂ.୨୪୦/୨୪) ରୁଜୁ ହୋଇଛି। ଅପରପକ୍ଷେ ଆଖୁଆପଦାରେ ପରିବା ଦୋକାନ କରିଥିବା ଉମାକାନ୍ତ ସାହୁଙ୍କ ଅଭିଯୋଗକ୍ରମେ ଅଧିକାରୀଙ୍କ ନାମରେ ଅନ୍ୟ ଏକ ମାମଲା (ନଂ.୨୪୧/୨୪) ରୁଜୁ କରାଯାଇଛି। ଅଧିକାରୀ ସବୁବେଳେ ଦେଖାଶେଖା କରି ତାଙ୍କୁ ଗାଳିଗୁଲଜ କରିଆସୁଥିଲେ। ଗତ ୧ ତାରିଖ ମଧ୍ୟାହ୍ନରେ ଗାଳି କରୁଥିବା ସମୟରେ ସେ ପ୍ରତିବାଦ କରିବାରୁ ଅଧିକାରୀ ଲୁହା ରଡ଼ରେ ତାଙ୍କ ମୁଣ୍ଡକୁ ପିଟିଥିଲେ ବୋଲି ଉମାକାନ୍ତ ଦର୍ଶାଇଛନ୍ତି।

# ସବୁଜମୟ ପରିବେଶ ଲାଗି ସଚେତନତା ବାର୍ତ୍ତା


ସଚେତନତା ଅବସରରେ ଜିଲା ଆଇନସେବା ପ୍ରାଧିକରଣର ସଦସ୍ୟ ଓ ଅନ୍ୟମାନେ।

ଭଦ୍ରକ,୮।୬(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଭଦ୍ରକ ବ୍ଲକ ଅଧୀନ ଆମ୍ବରୋଳି ପଞ୍ଚାୟତର ମକରେଶ୍ୱର ନୋଡାଲ ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଜିଲା ଜଜ୍ କୋର୍ଟ ବିଚାରପତିମାନେ ଯୋଗଦେଇ ଚାରାରୋପଣ କରି ପରିବେଶକୁ ସବୁଜମୟ କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାଇ ତା'ର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲ ବିଭାଗ ଅଧିକାରୀ, ପୋଲିସ, ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷକ ଓ ପ୍ୟାନେଲ ଓକିଲମାନେ ଉପସ୍ଥିତ ଥିଲେ।

# ୨୧ରେ ଜଉକଣ୍ଢେଇ ବାହାଘର

ବାଲେଶ୍ୱର,୮।୬(ମାନସ ବିଶ୍ୱାଳ)

ବାଲେଶ୍ୱରର ଲୋକ ଉତ୍ସବ ଜଉ କଣ୍ଢେଇ ବାହାଘର ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ଚଳିତବର୍ଷ ନାରୀ ସଚେତନତା ଓ ଜାଗରଣକୁ ଆଧାର କରି ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପରୁ ଦୁଇ ଚରିତ୍ର ଚନ୍ଦ୍ରମଣି ଓ ସୁଲୋଚନା ବର କନ୍ୟା ସାଜିଛନ୍ତି। ଆସନ୍ତା ୨୦ରୁ ୨୪ ତାରିଖ ମଧରେ ଏହି ବାହାଘର ଅନୁଷ୍ଠିତ ହେବ। ବର ଚନ୍ଦ୍ରମଣିଙ୍କ ଘର ମିଶନ ପଡ଼ିଆରେ କରାଯାଇଥିବା ବେଳେ ମଠସାହି ନଣ୍ଡାଗୋସେଇଁ ମଠରେ କନ୍ୟା ସୁଲୋଚନାଙ୍କ ସହ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହେବ।

ଷୋଡ଼ଶ-ସପ୍ତଦଶ ଶତାବ୍ଦୀର ଜଉ କଣ୍ଢେଇ ପରମ୍ପରା ବାଲେଶ୍ୱରୀ ସଂସ୍କୃତିରେ ରହିଆସୁଥିଲା। କାଳକ୍ରମେ ଏହା ଲୁପ୍ତ ହେବାକୁ ବସିଥିବା ବେଳେ ୨୦୧୧ରେ ବାଲେଶ୍ୱରରେ ଜଉ କଣ୍ଢେଇ ବାହାଘର ପରମ୍ପରା ଆରମ୍ଭ ହୋଇଥିଲା। ଶିଳ୍ପୀ କେଶୁ ଦାସଙ୍କ ଆବାହକତ୍ୱରେ ଏକ କମିଟି ଗଠନ ହୋଇଥିଲା। ଦୋଳ ପୂର୍ଣ୍ଣିମାରୁ ସାବିତ୍ରୀ ବ୍ରତ ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ଅଢ଼େଇ ମାସ ବାହାଘର କାର୍ଯ୍ୟକ୍ରମ ରହିଥାଏ। ଦୋଳ ବେଳେ ନାମକରଣ, ରାମ ନବମୀରୁ କଣ୍ଢେଇ ନିର୍ମାଣ, ଚନ୍ଦନ ଯାତ୍ରାରେ ଲଗ୍ନଧାରା, ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରେ ଜଉ କଣ୍ଢେଇ ବାହାଘର ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ବରକର୍ତ୍ତା ଓ କନ୍ୟାକର୍ତ୍ତା ଚୟନ କରାଯାଇ ଓଡ଼ିଆ ରୀତିନୀତିରେ ପାରମ୍ପରିକ ବାହାଘର ଧୁମ୍‌ଧାମ୍‌ରେ ହୋଇଆସୁଛି। କଳା, ସଂସ୍କୃତି, ଶିଳ୍ପ ଓ ବାଣିଜ୍ୟକୁ ମୂଳ ଆଧାର କରି ବାଲେଶ୍ୱରୀ ଜଉ କଣ୍ଢେଇ ପରମ୍ପରାକୁ ବିକଶିତ କରିବାରେ ସ୍ୱର୍ଗତ କବି ବ୍ରଜନାଥ ରଥ, ସାମାଜିକ କର୍ମୀ ତଥା ବିଧାୟିକା ସୁବାସିନୀ ଜେନା, ଇଂ. ହୃଷୀକେଶ ସାହୁ, ଡ. ଉପେନ୍ଦ୍ର ନାଥ ପାତ୍ର, ବ୍ରହ୍ମନାଥ ରଥ, ଡ. କୁମାର ଗୋପାଳ ପ୍ରମୁଖ ବହୁ ବୁଦ୍ଧିଜୀବୀ ଆଗକୁ ଆସିଛନ୍ତି।

# ସମୁଦ୍ରତଟରୁ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ

ବାଲେଶ୍ୱର, ୮।୬(ମାନସ ବିଶ୍ୱାଳ)

## ବେଳାଭୂମି ସଫେଇ


ଚାନ୍ଦିପୁର ବେଳାଭୂମି ସଫେଇ କରାଯାଉଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗ, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବା ଏନ୍‌ଏସ୍‌ଏସ୍ ୟୁନିଟ୍ ଓ ସେଣ୍ଟର ଫର ମେରାଇନ୍ ବାୟୋରସୋର୍ସ ଏବଂ ବାୟୋମ୍ୟାନେଜମେଣ୍ଟ ଦ୍ୱାରା ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁରସ୍ଥିତ ସମୁଦ୍ରକୂଳ ବେଳାଭୂମି ସଫେଇ କରାଯାଇଛି। ଓସନ୍ ସୋସାଇଟି ଅଫ୍ ଇଣ୍ଡିଆ, ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପ୍ୟାନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଏହି ସଫେଇ କରାଯାଇଛି। ଅଭିଯାନର ଜାତୀୟ ସଂଯୋଜକ ଭାବେ ପ୍ରଫେସର କେଭି ଜୟଚନ୍ଦ୍ରନ୍ ଓ ଚାନ୍ଦିପୁର ଅଞ୍ଚଳର ସ୍ଥାନୀୟ ସଂଯୋଜକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସ୍ମୃତିରେଖା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟର ନୂଆପାଢୀ କ୍ୟାମ୍ପସରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁର ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ନେଇ ମୋଟ୍ ୬୦ଜଣ ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ, ୨୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନେକ ଅଣଶିକ୍ଷକ କର୍ମଚାରୀ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ୍, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ଭୂବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଜାଲିନ୍ ଦାସ, ଡ. ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ସବିତା ସୋରେନ୍, ଡ. ପ୍ରତିମା ପ୍ରଧାନ, ଡ. ଦେବଦତ୍ତ ଦାସ ଓ ଡ. ମୀନତି ମିଶ୍ର ପ୍ରମୁଖ ଅଧାପିକାଅଧାପକମାନେ ଯୋଗଦେଇ ବେଳାଭୂମି ଓ ସାମୁଦ୍ରିକ ଜୀବଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣଠାରୁ ରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ଦେବା ସହ ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଉପସ୍ଥିତି ଓ ଯୋଗଦାନକୁ କୁଳପତିଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ପ୍ରୟାସରେ ସମୁଦ୍ର କୂଳରୁ ସମୁଦାୟ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଡମ୍ପିଂ କରାଯାଇଛି। ସମୁଦ୍ରକୁ ସଫା ରଖିବା ଏକ ସାମୂହିକ କାର୍ଯ୍ୟ ତଥା ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ସ୍ଲୋଗାନ ଦିଆଯିବା ସହ ସ୍ଥାନୀୟ ଲୋକଙ୍କ ମଧରେ ଏଥିନେଇ ଦାୟିତ୍ୱବୋଧ ସୃଷ୍ଟିର ପ୍ରୟାସ କରାଯାଇଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଛନ୍ତି।

# ସମୁଦ୍ରତଟରୁ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ

**ବେଳାଭୂମି ସଫେଇ**

**ବାଲେଶ୍ୱର, ୮।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଡ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗ, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବା ଏନ୍‌ଏସ୍‌ଏସ୍ ୟୁନିଟ୍ ଓ ସେଣ୍ଟର ଫର ମେରାଇନ୍ ବାୟୋରସୋର୍ସ ଏବଂ ବାୟୋମ୍ୟାନେଜମେଣ୍ଟ ଦ୍ୱାରା ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁରସ୍ଥିତ ସମୁଦ୍ରକୂଳ ବେଳାଭୂମି ସଫେଇ କରାଯାଇଛି। ଓସନ୍ ସୋସାଇଟି ଅଫ୍ ଇଣ୍ଡିଆ, ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପ୍ୟାନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଏହି ସଫେଇ କରାଯାଇଛି। ଅଭିଯାନର ଜାତୀୟ ସଂଯୋଜକ ଭାବେ ପ୍ରଫେସର କେଭି ଜୟଚନ୍ଦ୍ରନ୍ ଓ ଚାନ୍ଦିପୁର ଅଞ୍ଚଳର ସ୍ଥାନୀୟ ସଂଯୋଜକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସ୍ମୃତିରେଖା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟର ନୂଆପାଡୀ କ୍ୟାମ୍ପସରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁର ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ନେଇ ମୋଟ୍ ୬୦ଜଣ ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ, ୨୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନେକ ଅଣଶିକ୍ଷକ କର୍ମଚାରୀ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିତ୍ତ ନିୟନ୍ତ୍ରକ କରନ ସୋରେନ୍, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ଭୂବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଜାଲିନ୍ ଦାସ, ଡ. ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ସବିତା ସୋରେନ୍, ଡ. ପ୍ରତିମା ପ୍ରଧାନ, ଡ. ଦେବଦତ୍ତ ଦାସ ଓ ଡ. ମୀନତି ମିଶ୍ର ପ୍ରମୁଖ ଅଧ୍ୟାପିକାଅଧ୍ୟାପକମାନେ ଯୋଗଦେଇ ବେଳାଭୂମି ଓ ସାମୁଦ୍ରିକ ଜୀବଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣଠାରୁ ରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ଦେବା ସହ ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଉପସ୍ଥିତି ଓ ଯୋଗଦାନକୁ କୁଳପତିଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ପ୍ରଶଂସା


ବେଳାଭୂମି ସଫେଇ କରାଯାଉଛି।

କରିଛନ୍ତି। ସମସ୍ତଙ୍କ ପ୍ରୟାସରେ ସମୁଦ୍ର କୂଳରୁ ସମୁଦାୟ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଡମ୍ପିଂ କରାଯାଇଛି। ସମୁଦ୍ରକୁ ସଫା ରଖିବା ଏକ ସାମୂହିକ କାର୍ଯ୍ୟ ତଥା ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ସ୍ଲୋଗାନ ଦିଆଯିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏଥିନେଇ ଦାୟିତ୍ୱବୋଧ ସୃଷ୍ଟିର ପ୍ରଯତ୍ନ କରାଯାଇଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଛନ୍ତି।

# ୨୧ରେ ଜଉ କଣ୍ଢେଇ ବାହାଘର

## ଚନ୍ଦ୍ରମଣିଙ୍କ ହାତ ଧରିବେ ସୁଲୋଚନା

**ବାଲେଶ୍ୱର,୮।୬(ମାନସ ବିଶ୍ୱାଳ)**

ବାଲେଶ୍ୱରର ଲୋକ ଉତ୍ସବ ଜଉ କଣ୍ଢେଇ ବାହାଘର ଆସନ୍ତା ୨୧ ତାରିଖରେ ପାଳିତ ହେବ। ଚଳିତବର୍ଷ ନାରୀ ସଚେତନତା ଓ ଜାଗରଣକୁ ଆଧାର କରି ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପରୁ ଦୁଇ ଚରିତ୍ର ଚନ୍ଦ୍ରମଣି ଓ ସୁଲୋଚନା ବର କନ୍ୟା ସାଜିଛନ୍ତି। ଆସନ୍ତା ୨୦ରୁ ୨୪ ତାରିଖ ମଧ୍ୟରେ ଏହି ବାହାଘର ଅନୁଷ୍ଠିତ ହେବ। ବର ଚନ୍ଦ୍ରମଣିଙ୍କ ଘର ମିଶନ ପଡ଼ିଆରେ କରାଯାଇଥିବା ବେଳେ ମଠସାହି ନଣ୍ଡାଗୋସେଇଁ ମଠରେ କନ୍ୟା ସୁଲୋଚନାଙ୍କ ସହ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହେବ।

ଷୋଡ଼ଶ-ସପ୍ତଦଶ ଶତାବ୍ଦୀର ଜଉ କଣ୍ଢେଇ ପରମ୍ପରା ବାଲେଶ୍ୱରୀ ସଂସ୍କୃତିରେ ରହିଆସୁଥିଲା। କାଳକ୍ରମେ ଏହା ଲୁପ୍ତ ହେବାକୁ ବସିଥିବା ବେଳେ ୨୦୧୧ରେ ବାଲେଶ୍ୱରରେ ଜଉ କଣ୍ଢେଇ ବାହାଘର ପରମ୍ପରା ଆରମ୍ଭ ହୋଇଥିଲା। ଶିଳ୍ପୀ କେଶୁ ଦାସଙ୍କ ଆବାହକତ୍ୱରେ ଏକ କମିଟି ଗଠନ ହୋଇଥିଲା। ଦୋଳ ପୂର୍ଣ୍ଣିମାରୁ ସାବିତ୍ରୀ ବ୍ରତ ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ଅଢ଼େଇ ମାସ ବାହାଘର କାର୍ଯ୍ୟକ୍ରମ ରହିଥାଏ। ଦୋଳ ବେଳେ ନାମକରଣ, ରାମ ନବମୀରୁ କଣ୍ଢେଇ ନିର୍ମାଣ, ଚନ୍ଦନ ଯାତ୍ରାରେ ଲଗ୍ନଧାରା, ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରେ ଜଉ କଣ୍ଢେଇ ବାହାଘର ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ବରକର୍ତ୍ତା ଓ କନ୍ୟାକର୍ତ୍ତା ଚୟନ କରାଯାଇ ଓଡ଼ିଆ ରୀତିନୀତିରେ ପାରମ୍ପରିକ ବାହାଘର ଧୁମ୍‌ଧାମ୍‌ରେ ହୋଇଆସୁଛି। କଳା, ସଂସ୍କୃତି, ଶିଳ୍ପ ଓ ବାଣିଜ୍ୟକୁ ମୂଳ ଆଧାର କରି ବାଲେଶ୍ୱରୀ ଜଉ କଣ୍ଢେଇ ପରମ୍ପରାକୁ ବିକଶିତ କରିବାରେ ସ୍ୱର୍ଗତ କବି ବ୍ରଜନାଥ ରଥ, ସାମାଜିକ କର୍ମୀ ତଥା ବିଧାୟିକା ସୁବାସିନୀ ଜେନା, ଇଂ. ହୃଷୀକେଶ ସାହୁ, ଡ. ଉପେନ୍ଦ୍ର ନାଥ ପାତ୍ର, ବ୍ରହ୍ମନାଥ ରଥ, ଡ. କୁମାର ଗୋପାଳ ପ୍ରମୁଖ ବହୁ ବୁଦ୍ଧିଜୀବୀ ଆଗକୁ ଆସିଛନ୍ତି।

ବାଲେଶ୍ୱରୀ ଜଉ କଣ୍ଢେଇର ବହୁଳ ପ୍ରଚାର ପ୍ରସାର ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଜଉ କଣ୍ଢେଇ ବାହାଘରକୁ ସରକାରୀ ମାନ୍ୟତା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଜଉ କଣ୍ଢେଇ ଶିଳ୍ପୀଙ୍କ ପାଇଁ ମ୍ୟୁଜିୟମ୍ ଓ ସ୍ୱତନ୍ତ୍ର ସ୍ଥାୟୀ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ, ପର୍ଯ୍ୟଟନ ବିଭାଗର ମାନଚିତ୍ରରେ ଜଉ କଣ୍ଢେଇକୁ ସ୍ଥାନ ଦେବା ସହ ମାନ୍ୟତା ମିଳିବା ଆବଶ୍ୟକ। ଜଉ କଣ୍ଢେଇ ଶିଳ୍ପୀ ପାଇଁ ଆବଶ୍ୟକ କଞ୍ଚାମାଲରେ ଲାଖ ଚାଷକୁ ସରକାରୀ ସ୍ତରରେ ଅଧିକ ଗୁରୁତ୍ୱ ଦେବାକୁ ଜଉକଣ୍ଢେଇ ବାହାଘର କମିଟି ପକ୍ଷରୁ ଦାବି ହେଉଛି।

**ସଂକ୍ଷେପରେ**

## ସଡ଼କ ଦୁର୍ଘଟଣାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

ବାଲିଆପାଳ, ୮।୬(ଗୋପାଳ ଚନ୍ଦ୍ର ସାହୁ)-ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ସାମାଜିକ କର୍ମୀ ଜୀବନକୃଷ୍ଣ ପାତ୍ର(୪୦) ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ



କଟକସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ଜୀବନକୃଷ୍ଣ ଭାଜପା ଯୁବମୋର୍ଚ୍ଚାର ଦୀର୍ଘଦିନର କାର୍ଯ୍ୟକର୍ତ୍ତା ଥିଲେ। ଗତ ବୁଧବାର ସନ୍ଧ୍ୟାରେ ନିଜ ଘରୁ କୌଣସି କାର୍ଯ୍ୟରେ ବାଲିଆପାଳ ଯାଉଥିବା ବେଳେ ଦେଭୋଗ ଛକରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିଲା। ପରେ ବାଲିଆପାଳ ପୋଲିସ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ପରିବାର ଲୋକେ କଟକ ନେଇଥିଲେ। ୨ ଦିନ ଚିକିତ୍ସା ପରେ ତାଙ୍କର ମୃତ୍ୟୁ ହୋଇଛି।

# ମେଡିକାଲ ସହ ଆହାର କେନ୍ଦ୍ର ପରିଦର୍ଶନକଲେ ନବନିର୍ବାଚିତ ବିଧାୟକ


ନୀଳଗିରି ମେଡ଼ିକାଲରେ ତଦାରଖ କରୁଛନ୍ତି ବିଧାୟକ ସନ୍ତୋଷ ଖଟୁଆ ।

**ନୀଳଗିରି, ୮।୬(ପ୍ରଶାନ୍ତ ବିଶ୍ୱାଳ)**

ନିର୍ବାଚନ ହେବାର ୪ଦିନ ପରେ ଆକ୍ସନ ମୋଡ୍‌ରେ ବାହାରିଛନ୍ତି ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ। ଶନିବାର ପୂର୍ବାହ୍ନରେ ବିଧାୟକ ଖଟୁଆ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ୱାସ୍ଥ୍ୟସେବା ଉପରେ ଅଭିଯୋଗର ବାସ୍ତବିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପାଇଁ ହସ୍‌ପିଟାଲର ବିଭିନ୍ନ ୱାର୍ଡ ବୁଲିଥିଲେ। ସେଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ଆଲୋଚନା ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳୁଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଶିଶୁ ବିଭାଗର ବାଥରୁମ୍‌ରେ ପାଣି ପାସ୍ କରୁ ନ ଥିବା ଦେଖି ତାଗିଦ୍ କରିଥିଲେ। ଏହି ବିଭାଗରେ ଭାଙ୍ଗି ଯାଇଥିବା ଝରକା ଓ କବାଟ ନିଜ ଖର୍ଚ୍ଚରେ ୧ ଘଣ୍ଟା ମଧ୍ୟରେ ଠିକ୍ କରାଇଥିଲେ। ବିଭିନ୍ନ ବିଭାଗରେ ଡାକ୍ତର ଅଭାବ ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଧାୟକ ଖଟୁଆ ଆହାର କେନ୍ଦ୍ରରେ ଭାତ ଏବଂ ଡାଲମା ଖାଇଥିଲେ। ଉତ୍ତମ ସେବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ

**ଭୋଗରାଇ, ୮।୬( ପ୍ରଦୀପ ଦାସ )**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଟୁକୁରୀହାଜିରା ଗ୍ରାମରେ ଶନିବାର ସକାଳେ ଜଣେ ନବବଧୂଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା(ନଂ.୨୫୩/୨୪) ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି। ଉକ୍ତ ଗ୍ରାମର ଆଲୋକ ଗିରିଙ୍କ ସ୍ତ୍ରୀ ମାମୁନି ଗିରି (୨୫)ଙ୍କ ଶନିବାର ସକାଳେ ଶୋଇଥିବା ବେଳେ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି । ମୃତ ମହିଳାଙ୍କ ବାପଘର ପଶ୍ଚିମବଙ୍ଗ ମେଦିନୀପୁର ଜିଲା ରାମନଗର ଥାନା ଅଧୀନରେ ଥିବା ପୂର୍ବ ରାନିଆ ଅଞ୍ଚଳରେ। ମାମୁନିଙ୍କ ବାପା ଜୟନ୍ତ ବର ଓ ତାଙ୍କର ପରିବାର ଲୋକେ ଝିଅର ମୃତ୍ୟୁ ଖବର ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ଝିଅକୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ଭୋଗରାଇ ଥାନାରେ ଅଭିଯୋଗ କରିଛନ୍ତି। ମାମୁନି ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ଆଲୋକ କହିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ନବ ନିର୍ବାଚିତ ବିଧାୟିକା ସୁବାସିନୀଙ୍କୁ ସମ୍ବର୍ଦ୍ଧନା


ବସ୍ତା ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଉଛି।

**କାଳିପଦା, ୮।୬(ରାଜଶ୍ରୀ ପାଣିଗ୍ରାହୀ)**

ବସ୍ତା ନିର୍ବାଚନମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ଭାବେ ସୁବାସିନୀ ଜେନା ନିର୍ବାଚିତ ହେବା ପରେ ବସ୍ତା ଓ ବାଲିଆପାଳ ବ୍ଲକରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟିକା ସୁବାସିନୀ ଜେନା ଭୁବନେଶ୍ୱରରୁ ଶୁକ୍ରବାର ଅପରାହ୍ନରେ ବସ୍ତାରେ ପ୍ରଥମେ ପହଞ୍ଚିବା ପରେ ସଭାପତି ଅନୀଲ ମହାନ୍ତିଙ୍କ ବାସଭବନରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ବସ୍ତା ବ୍ଲକର ସମସ୍ତ ପଞ୍ଚାୟତରୁ ଦଳୀୟ ନେତୃବୃନ୍ଦ ଯୋଗଦେଇ ବିଧାୟିକା ଜେନାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ବାଲିଆପାଳରେ ପହଞ୍ଚିବା ପରେ ଆଦିବାସୀଙ୍କ ନୃତ୍ୟର ତାଳେ ତାଳେ ବାଜା ବଜାଇ ବାଣଫୁଟାଇ ନବନିର୍ବାଚିତ ବିଧାୟିକା ଜେନାଙ୍କୁ ହଜାର ହଜାର ସମର୍ଥକ ତାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନକୁ ପାଛୋଟି ନେଇଥିଲେ। ବସ୍ତା-ବାଲିଆପାଳ ବ୍ଲକରୁ ସମସ୍ତ ପଞ୍ଚାୟତର ନେତୃବୃନ୍ଦ ଏହି ବିଜୟ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସଭିଏଁ ଏକାଠି ହୋଇ, ସମୃଦ୍ଧ ଓ ବିକଶିତ ବସ୍ତା ନିର୍ବାଚନ ମଣ୍ଡଳୀ ଗଠନ ଦିଗରେ ମିଳିମିଶି କାମ କରିବାକୁ ବିଧାୟିକା ଜେନା ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଗୋରୁ ବୋଝେଇ ମିନିଟ୍ରକ୍ ଜବତ



ନୀଳଗିରି, ୮।୬(ପ୍ରଶାନ୍ତ ବିଶ୍ୱାଳ)- ଶନିବାର ଅପରାହ୍ନରେ ନୀଳଗିରି ବ୍ଲକ କାଂଶ ପଞ୍ଚାୟତ ନିମପାଳ ଛକ ନିକଟରେ ଏକ ମିନିଟ୍ରକ(ନଂ. ଓଡ଼ି୦୧ଏଏମ୍-୦୪୫୧) ରେ ଦୁଇଟି ଗୋରୁ ବୋଝେଇ ହୋଇ ବାଲେଶ୍ୱର ଅଭିମୁଖେ ଯିବା ବେଳେ ନୀଳଗିରି ବ୍ଲକ ହିନ୍ଦୁ ସଙ୍ଗଠନ ଦେବସେନାର ସଭାପତି ବାଦଲ କୁମାର ପଣ୍ଡା ଗାଡିକୁ ଅଟକ ରଖି ସଙ୍ଗଠନ ସଦସ୍ୟମାନଙ୍କୁ ଖବର ଦେଇଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେବାରୁ ନବ ନିର୍ବାଚିତ ବିଧାୟକ ସନ୍ତୋଷ ଖଟୁଆ ଖବରପାଇ ନୀଳଗିରି ଆଇଆଇସିଙ୍କ ସହିତ ଯୋଗାଯୋଗ ପରେ ଅଯୋଧ୍ୟା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ ଗୋରୁ ଦୁଇଟିକୁ ନିଜ ହେପାଜତକୁ ନେଇଥିଲେ। ଏହାସହ ଡ୍ରାଇଭରଙ୍କୁ ଅଟକ ରଖି ନୀଳଗିରି ଥାନାକୁ ଅଣାଯାଇଥିଲା। ତେବେ ଡ୍ରାଇଭର କହିବା ଅନୁଯାୟୀ ଗୋରୁ ଦୁଇଟି ମୟୂରଭଞ୍ଜ ଜିଲା ବାରିପଦା ନିକଟସ୍ଥ ବାଲିଯୋଡ଼ା ଗୋରୁ ହାଟରୁ କିଣି ଚାଷ ପାଇଁ ନେଉଥିବା ସୂଚନା ଦେଇଛି। ଖବର ଲେଖାହେବା ବେଳକୁ ଏ ସଂକ୍ରାନ୍ତରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ସୂଚନାଯୋଗ୍ୟ ବାହାର ରାଜ୍ୟର ଗୋରୁ ବେପାରୀମାନେ ବେଆଇନ ଭାବେ ନୀଳଗିରି ଅଞ୍ଚଳ ଦେଇ ମୟୂରଭଞ୍ଜକୁ ଚାଲାଣ କରିଥାନ୍ତି। ବିଭିନ୍ନ ସମୟରେ ଗ୍ରାମବାସୀ ଗୋରୁ ବୋଝେଇ ଗାଡି ଜବତ କରି ପୋଲିସ ଜିମା ଦେଇଥିବା ନଜିର ରହିଛି। ନୀଳଗିରି ବ୍ଲକ ହିନ୍ଦୁ ସଙ୍ଗଠନ ଦେବସେନା ସଭାପତି ପଣ୍ଡାଙ୍କ ସହିତ ବଜରଙ୍ଗ ଦଳର ସଦସ୍ୟ ବିଶ୍ୱଜିତ୍ ପାତ୍ର, ଶ୍ରୀଧର ବେହେରା, ଜୀବନ ଖମାରୀ, ବିରକିଶୋର ନାୟକ, ପଙ୍କଜ ମହାଳିକ ଓ ଯଯାତି ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇଥିବା ୪୦ ହଜାର ଟଙ୍କା ଫେରାଇଲେ

## ଯୁବତୀଙ୍କ ମହାନତା

**ଧାମନଗର,୮।୬ (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)**

ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ହଜି ଯାଇଥିବା ୪୦ ହଜାର ଟଙ୍କା ଫେରାଇ ମହାନତା ଦେଖାଇଛନ୍ତି ଧାମନଗର ବ୍ଲକ ଅଧୀନ ମୁସ୍ତାଫାପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଦିନମଜୁରିଆ ରବୀନ୍ଦ୍ର ଦେହୁରୀଙ୍କ ଝିଅ ରାଣୀ(୧୮)। ଦୋବଲ କାଳୀବଜାରରେ ରହୁଥିବା ଶିକ୍ଷୟିତ୍ରୀ ପୁଷ୍ପିତା ମିଶ୍ର ବୁଧବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏଟିଏମ୍‌ରୁ ୪୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଦୋବଲ ରାସ୍ତାରେ କେଉଁଠାରେ ଟଙ୍କା ପଡ଼ିଯାଇଥିଲା। ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ସେ ଟଙ୍କା ପାଇ ନ ଥିଲେ। ପରେ ସାମାଜିକ ଗଣମାଧ୍ୟମରେ ଏହି ଖବର ଭାଇରାଲ ହୋଇଥିଲା। ରାଣୀ ଉକ୍ତ ୪୦ ହଜାର ଟଙ୍କା ପାଇଥିଲେ। ସାମାଜିକ ଗଣମାଧ୍ୟମରୁ


ରଘୁନାଥପୁର ଗ୍ରାମର ରାଣୀ ଦେହୁରୀ ପାଇଥିବା ଟଙ୍କାକୁ ତାଙ୍କ ବାପା ଶିକ୍ଷୟିତ୍ରୀଙ୍କୁ ଫେରାଉଛନ୍ତି।

ହଜିଥିବା ଟଙ୍କା କଥା ଜାଣିବା ପରେ ସେ ତାଙ୍କ ବାପା ରବୀନ୍ଦ୍ରଙ୍କୁ ଟଙ୍କା ଦେଇ ଶିକ୍ଷୟିତ୍ରୀଙ୍କୁ ଫେରାଇ ଦେବାକୁ କହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ଶିକ୍ଷୟିତ୍ରୀ ପୁଷ୍ପିତାଙ୍କୁ ଭେଟି ଟଙ୍କା ଫେରାଇ ଦେଇଛନ୍ତି। ହଜିଥିବା ଟଙ୍କା ପାଇ ପୁଷ୍ପିତା ଖୁସିବ୍ୟକ୍ତ କରିଥିଲେ। ଜଣେ ଛାତ୍ରୀ ଏତେ ଟଙ୍କା ପାଇ ଲୋଭ ନ ରଖି ଫେରାଇବା ଅନ୍ୟ ପାଇଁ ଉଦାହରଣ ବୋଲି ସେ କହିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଫୋନ ପେ'ରେ ଭୁଲ୍ ଟ୍ରାଞ୍ଜାକ୍ସନ: ଫେରିପାଇଲେ ଟଙ୍କା

**ବାରିପଦା, ୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଫୋନ-ପେ ଜରିଆରେ ଭୁଲ କାରବାର ଅଭିଯୋଗରେ ବାରିପଦା ସାଇବର ଥାନା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏନେଇ ଅସିତ୍ କୁମାର ଗିରିଙ୍କଠାରୁ ସୂଚନା ପାଇବା ପରେ ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କ ହସ୍ତକ୍ଷେପରେ ସମସ୍ତ ୩୫ହଜାର ଟଙ୍କା ଫେରସ୍ତ ପାଇଛନ୍ତି। ଟଙ୍କା ଫେରି ପାଇବା ପରେ ଅସିତ ସାଇବର ଥାନା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଗ୍ୟାସ୍ ସିଲିଣ୍ଡର ବୋଝେଇ ଟ୍ରକ୍ ଦୁର୍ଘଟଣା, ଜଣେ ଗୁରୁତର

**ସୋର, ୮।୬ (ଜନ୍ମେଜୟ ମିଶ୍ର)**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଶନିବାର ସକାଳେ ଏକ ସିରିଜ ଦୁର୍ଘଟଣା ଘଟିବାରୁ ଜଣେ ଟ୍ରକ ଚାଳକ ଗୁରୁତର ଆହତ ହୋଇ ସୋର ଡ଼ାକ୍ତରଖାନା ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଖୋର୍ଦ୍ଧାରୁ ଗ୍ୟାସ ସିଲିଣ୍ଡର ବୋଝେଇ କରି ନୀଳଗିରି ଅଭିମୁଖେ ଆସୁଥିବା ଟ୍ରକ ଅନ୍ୟ ଏକ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଆଗରେ ଯାଉଥିବା ଟ୍ରକଟି ଅନ୍ୟ ଏକ ଅଜଣା ଟ୍ରକ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଅଜଣା ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପଛ ଚାଳକ ମାନସ ମହାପାତ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନା ଭର୍ତ୍ତି କରିଥିଲେ। ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଟ୍ରକକୁ ଜବତ କରିଛି।

# ଶିବବିବାହ ପାଇଁ ଚାଲିଛି ପ୍ରସ୍ତୁତି

**ଆଖଣ୍ଡଳମଣି ପୀଠ**

- ସମୀକ୍ଷା କଲେ ଉପଜିଲାପାଳ
- ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା, ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

**ଭଦ୍ରକ,୮।୬ (ସନାତନ ରାଉତ)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଆସନ୍ତା ୧୧ ତାରିଖରେ ଶିବବିବାହ ମହାଆଡ଼ମ୍ବରରେ ଅନୁଷ୍ଠିତ ହେବ। ଦେବଦମ୍ପତିଙ୍କ ବିବାହ ଉତ୍ସବ ଲୌକିକ ଓ ବୈଦିକ ରୀତିନୀତିରେ ହେଉଥିବାରୁ ଚଳିତବର୍ଷ ମନୋନୀତ ହୋଇଥିବା ବରପିତା କେଦାରନାଥ ପାଢ଼ୀ ଓ କନ୍ୟାପିତା ଗଦାଧର ପାଢ଼ୀଙ୍କ ଘରେ ସାଜସଜ୍ଜା ଚାଲିଛି। ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ ପତ୍ର ଓ ମଙ୍ଗୁଳା ଗୁଆ ବଣ୍ଟା ଯାଇ ବିବାହ ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରାଯାଉଛି। ଅନ୍ୟପଟେ ବିବାହ ଉତ୍ସବ ଯେପରି ଶାନ୍ତିଶୃଙ୍ଖଳାର ସହ ସମାପନ ହେବ ସେଥିପାଇଁ ମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ପୀଠରେ ସମୀକ୍ଷା କରାଯାଇଛି।

ଜିଲାପାଳଙ୍କ ପରାମର୍ଶକ୍ରମେ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ମନୋଜ ପାତ୍ର ପୀଠରେ ପହଞ୍ଚି ସମସ୍ତ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ଦିର ଅତିଥି ଭବନରେ ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବିବାହ ଉତ୍ସବ ଦିନ ବରଧରା ଓ ବରାନୁଗମନ ଶୋଭାଯାତ୍ରାରେ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୀଠରେ ୨୪ ଘଣ୍ଟିଆ ବିଜୁଳି ସେବା ସହ ପାନୀୟ ଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ



ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଉପଜିଲାପାଳ ଆଲୋଚନା କରିଥିଲେ। ସେହିପରି ପୀଠରେ ଟ୍ରାଫିକ ବ୍ୟବସ୍ଥା ସହ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ। ଏଥିସହ ବିବାହ ଉତ୍ସବର ନୀତିକାନ୍ତି ଓ ସମସ୍ତ ପ୍ରସ୍ତୁତି ଯଥାରୀତି ଅନୁଯାୟୀ କରାଯିବାକୁ ସେବାୟତଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ପୀଠରେ ବିବାହ ମଣ୍ଡପ ଓ ବେଦି ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଆସନ୍ତା ୧୦ରେ ମଙ୍ଗଳପାକ ନୀତି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ବୈଠକରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ, ବରିଷ୍ଠ ସେବାୟତ, ମନ୍ଦିର ପରିଚାଳକ, ପୋଲିସ ଅଧିକାରୀ, ବ୍ଲକ ଅଧିକାରୀ, ଜଳ ପରିମଳ ବିଭାଗ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

# ପୂର୍ବଶତ୍ରୁତାରୁ ଭାଉଜ, ଦିଅରଙ୍କୁ ଆକ୍ରମଣ

**ତିହିଡ଼ି,୮।୬ (ସଞ୍ଜିତ ବଳ)**

ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ ଝିଙ୍କିରିଆ ଗ୍ରାମରେ ଶୁକ୍ରବାର ପୂର୍ବଶତ୍ରୁତାରୁ ଭାଉଜ ଓ ଦିଅରଙ୍କୁ ମରଣାନ୍ତକ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ଚୈତନ୍ୟ ମହାଳିକଙ୍କ ମା' ଜ୍ୟୋତ୍ସ୍ନା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୪/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଚୈତନ୍ୟଙ୍କ ପରିବାର ସହ ଗ୍ରାମର ଅକ୍ଷୟ ଦାସଙ୍କ ପରିବାରର ପୂର୍ବରୁ ଶତ୍ରୁତା ଥିଲା। ଚୈତନ୍ୟଙ୍କ ପରିବାରର କୋଇଲି ଶୁକ୍ରବାର ପୂର୍ବାହ୍ନରେ ସରକାରୀ ନଳକୂପରୁ ପାଣି ଆଣିବାକୁ ଯାଇଥିବା ବେଳେ ସେଠାରେ ଗାଧୋଉଥିବା କେତେଜଣ ଯୁବକଙ୍କୁ ନଳକୂପ ଛାଡ଼ିବାକୁ କହିଥିଲେ। ଏହାକୁ ନେଇ ଅକ୍ଷୟ ଓ ଚୈତନ୍ୟଙ୍କ ପରିବାର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଅକ୍ଷୟ ଓ ଅନ୍ୟମାନେ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଚୈତନ୍ୟ ଓ ତାଙ୍କ ଭାଉଜ ଧରିତ୍ରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ଅକ୍ଷୟଙ୍କ ଅଭିଯୋଗକ୍ରମେ ପ୍ରତିପକ୍ଷଙ୍କ ନାଁରେ ମଧ୍ୟ ଏକ ମାମଲା (ନଂ.୧୪୫/୨୪) ରୁଜୁ ହୋଇଛି।

# ଭାଜପାକୁ ସର୍ବାଧିକ ପୋଷ୍ଟାଲ ଭୋଟ

ବାରିପଦା,୮।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଭାଜପାକୁ ଅଧିକ ପୋଷ୍ଟାଲ ଭୋଟ ମିଳିଛି। ସର୍ବାଧିକ ଭୋଟ ବ୍ୟବଧାନରେ ବିଧାୟକ ଓ ଲୋକସଭା ଏମ୍ପି ବିଜୟୀ ହୋଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ପୋଷ୍ଟାଲ ଭୋଟ ଅଧିକ ଭାଜପାକୁ ଯାଇଥିବା ବେଳେ ଚଳିତ ନିର୍ବାଚନରେ ମଧ୍ୟ ତାହା ଦେଖିବାକୁ ମିଳିଛି। ୯ ଗୋଟି ବିଧାନସଭା ମଧ୍ୟରୁ ଉଦଳାରେ ସର୍ବାଧିକ ୧୫୧୭ ଓ କରଞ୍ଜିଆ ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୩୩୦ଟି ପୋଷ୍ଟାଲ ଭୋଟ ପଡ଼ିଛି। ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ମୋଟ ୮ହଜାର ୩୩୮୧ ପୋଷ୍ଟାଲ ଭୋଟ ମିଳିଛି ।

ନିର୍ବାଚନ କମିଶନରଙ୍କ ସୂଚନା କ୍ରମେ, ଜିଲାର ୯ ବିଧାନସଭା ନିର୍ବାଚନମଣ୍ଡଳୀରେ ୮, ୮୮୨ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ସେଥି ମଧ୍ୟରୁ ବଡ଼ସାହିରେ ୭୯୬, ବାରିପଦାରେ ୧୨୮୪, ମୋରଡ଼ାରେ ୧୧୪୮, ବାଙ୍ଗରିପୋଷିରେ ୮୮୦, ସାରସକଣାରେ ୯୨୩, ରାଇରଙ୍ଗପୁରରେ ୧୦୧୬, ଯଶିପୁରରେ ୯୮୮, କରଞ୍ଜିଆରେ ୩୩୦ ଓ ଉଦଳାରେ ୧୫୧୭ ପୋଷ୍ଟାଲ ଭୋଟ ପ୍ରାପ୍ତ ହୋଇଛି। ସେହିପରି ମୟୂରଭଞ୍ଜ ଲୋକସଭା କ୍ଷେତ୍ରରୁ ୧୧ ଲକ୍ଷ ୭୪ ହଜାର ୫୦ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ନବ ଚରଣ ମାଝୀଙ୍କୁ ସର୍ବାଧିକ ୫,୩୯୨, ବିଜେଡି ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ୧୮୯୨, ଜେଏମଏମ ପ୍ରାର୍ଥିନୀ ଅଞ୍ଜନୀ ସୋରେନଙ୍କୁ ୬୮୬ ଓ ନୋଟାକୁ ୧୦୦ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ସେହିପରି ବଡ଼ସାହି ନିର୍ବାଚନମଣ୍ଡଳୀରେ ମୋଟ ୧, ୫୨, ୪୫୭ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ସନାତନ ବିଜୁଳୀଙ୍କୁ ୪୯୭, ବିଜେଡି ପ୍ରାର୍ଥିନୀ ଅନୁସୟା ପାତ୍ରଙ୍କୁ ୧୮୫ ଓ କଂଗ୍ରେସ ପ୍ରାର୍ଥୀ କ୍ଷୀରୋଦ ପାତ୍ରଙ୍କୁ ୧୦୦ ଓ ନୋଟାରେ ୬ ଖଣ୍ଡ ପୋଷ୍ଟାଲ ଭୋଟ ପଡିଛି। ବାରିପଦା ନିର୍ବାଚନମଣ୍ଡଳୀରେ ମୋଟ ୧,୬୧, ୭୫୭ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ପ୍ରକାଶ ସୋରେନଙ୍କୁ ୭୪୭, ବିଜେଡି ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କୁ ୩୬୬, କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମଙ୍କୁ ୧୦୯ ଓ ନୋଟାରେ ୩୦ଟି ପୋଷ୍ଟାଲ ଭୋଟ ପଡିଛି। ମୋରଡ଼ା ନିର୍ବାଚନମଣ୍ଡଳୀରେ ୧,୭୯,୯୭୮ ମତଦାନ ସେଥି ମଧ୍ୟରୁ ଭାଜପା ପ୍ରାର୍ଥୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ୬୬୩, ବିଜେଡି ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ୨୭୧, କଂଗ୍ରେସ ପ୍ରାର୍ଥୀ ପ୍ରଭାସ କରମହାପାତ୍ରଙ୍କୁ ୮୨, ଜେଏମଏମ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ଦାସଙ୍କୁ ୫୩ ଓ ନୋଟାରେ ୨ଖଣ୍ଡ ପୋଷ୍ଟାଲ ଭୋଟ ପଡିଛି। ସେହିପରି ବାଙ୍ଗରିପୋଷି ନିର୍ବାଚନମଣ୍ଡଳୀରେ ୧,୭୫,୮୨୦ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥିନୀ ସଞ୍ଜଲୀ ମୁର୍ମୁଙ୍କୁ ୫୧୪, ବିଜେଡି ପ୍ରାର୍ଥିନୀ ରଞ୍ଜିତା ମାରାଣ୍ଡିଙ୍କୁ ୨୫୪, କଂଗ୍ରେସ ପ୍ରାର୍ଥୀ ମୁରଲୀଧର ନାଏକଙ୍କୁ ୫୮, ଜେଏମଏମ ପ୍ରାର୍ଥୀ ବିଷ୍ଣୁ ସିଂଙ୍କୁ ୨୯ ଓ ନୋଟାରେ ୫ଟି ପୋଷ୍ଟାଲ ଭୋଟ ପଡ଼ିଛି। ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୫୭, ୧୩୬ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଭାଦବ ହାଁସଦାଃଙ୍କୁ ୪୯୦, ବିଜେଡି ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡିଙ୍କୁ ୨୩୨, କଂଗ୍ରେସ ପ୍ରାର୍ଥୀ ରାମ ସୋରେନଙ୍କୁ ୯୧, ଜେଏମଏମ ପ୍ରାର୍ଥୀ ଅଞ୍ଜନୀ ସୋରେନଙ୍କୁ ୬୫ ଓ ନୋଟାରେ ୭ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୬୯, ୮୦୬ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଜୋଲେନ ନାଏକଙ୍କୁ ୪୬୫, ବିଜେଡି ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ୨୭୯, କଂଗ୍ରେସ ପ୍ରାର୍ଥୀ ଯୋଗେନ୍ଦ୍ର ବାନରାଙ୍କୁ ୧୦୯, ଜେଏମଏମ ପ୍ରାର୍ଥୀ ସୁନାରାମ ଟୁଡୁ ୯୮ ଓ ନୋଟାରେ ୧୩ ଖଣ୍ଡ ପୋଷ୍ଟାଲ ଭୋଟ ପଡ଼ିଛି। ସେହିପରି ଯଶିପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୬୯, ୯୧୩ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ୫୯୭, ବିଜେଡି ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କୁ ୨୪୧, କଂଗ୍ରେସ ପ୍ରାର୍ଥିନୀ ଶ୍ୱେତା ଚାତାରଙ୍କୁ ୧୦୧ ଓ ନୋଟାରେ ୬ଟି ପୋଷ୍ଟାଲ ଭୋଟ ପଡ଼ିଛି। କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୫୦, ୩୧୯ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ପଦ୍ମ ଚରଣ ହାଇବୁରୁଙ୍କୁ ୧୮୭, ବିଜେଡି ପ୍ରାର୍ଥିନୀ ବାସନ୍ତୀ ହେମ୍ବ୍ରମଙ୍କୁ ୬୨, କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀଧର ସିଂ ୪୧ ଓ ନୋଟାରେ ୪ ଖଣ୍ଡ ପୋଷ୍ଟାଲ ଭୋଟ ପଡିଛି। ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୫୮, ୦୮୧ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଭାସ୍କର ମଢେଇଙ୍କୁ ୮୯୮, ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କୁ ୪୫୩, କଂଗ୍ରେସ ପ୍ରାର୍ଥୀ ଦୁର୍ଗା ଚରଣ ଟୁଡୁଙ୍କୁ ୮୭, ଜେଏମ୍ଏମ୍ ପ୍ରାର୍ଥୀ ଚକ୍ରଧର ସିଂ ୧୭ ଓ ନୋଟାରେ ୧୮ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଉଦଳା, ୮।୬ (ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକର ଡିହିରାକୁଲ ଗ୍ରାମରେ ଜଗନ୍ନାଥ ମନ୍ଦିରର ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ବେଶ, ସକାଳ ଧୂପ, ବାଲ୍ୟ ଭୋଗ ପରେ କଳସ ସ୍ଥାପନ ପୂର୍ବକ ପୂଜାପାଠ ଓ ହୋମଯଜ୍ଞ ସମ୍ପନ୍ନ ହୋଇଥିଲା। ଗ୍ରାମରେ ଥିବା ଦୁଇ ସଂକୀର୍ତ୍ତନ ଦଳ ସହ ଶତାଧିକ ଶ୍ରଦ୍ଧାଳୁ ନାମ ସଂକୀର୍ତ୍ତନ କରି ୧୦୮ ଥର ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ସେହିପରି ବୃନ୍ଦାବତୀଙ୍କ ତୁଳସୀ ଚଉରା, ଅରୁଣ ସ୍ତମ୍ଭ ପ୍ରତିଷ୍ଠା କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରିଚାଳନା କମିଟିର ସଭାପତି ମଧୁସୂଦନ ହାତୀ, ଉପସଭାପତି ଭରତ ଚନ୍ଦ୍ର ହାତୀ ଓ ସହସମ୍ପାଦକ ନାରାୟଣ ପୃଷ୍ଟିଙ୍କ ସହାୟତାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱବିଦ୍ୟାଳୟରେ ଡିଷ୍ଟାନ୍ସ କୋର୍ସ ଦାବି

ବାରିପଦା,୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦୂର ନିରନ୍ତର (ଡିଷ୍ଟାନ୍ସ କୋର୍ସ) ଶିକ୍ଷା ବ୍ୟବସ୍ଥା ପାଇଁ ଦାବି ହୋଇଛି। ନାକ୍ 'ଏ' ଗ୍ରେଡ୍ ସତ୍ତ୍ୱେ ଛାତ୍ରୀଛାତ୍ର ଏହି ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ଏ ନେଇ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ ପତ୍ର ମାଧ୍ୟମରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଜଣାଇଛନ୍ତି।

ପ୍ରକାଶ ଯେ, ଏହି ବିଶ୍ୱବିଦ୍ୟାଳୟରେ ୨୦୦୩ରୁ ୨୦୧୯ ପର୍ଯ୍ୟନ୍ତ ଡିଷ୍ଟାନ୍ସ କୋର୍ସ କାର୍ଯ୍ୟକାରୀ ହେଉଥିଲା। ବିଶ୍ୱବିଦ୍ୟାଳୟରେ ଏପରି ବ୍ୟବସ୍ଥା ଥିବାରୁ ଚାକିରି କରିଥିବା କର୍ମଚାରୀ ଓ ରେଗୁଲାର କୋର୍ସ କରିପାରୁ ନ ଥିବା ଛାତ୍ରୀଛାତ୍ର ଉପକୃତ ହୋଇପାରୁଥିଲେ। ଏପରିକି ବିଶ୍ୱବିଦ୍ୟାଳୟ ଆର୍ଥିକ ଦୃଷ୍ଟିରୁ ମଧ୍ୟ ସମୃଦ୍ଧ ହେବା ସହ ବହୁ ଉନ୍ନତୀମୂଳକ କାର୍ଯ୍ୟ ଡିଷ୍ଟାନ୍ସ କୋର୍ସରୁ ମିଳିଥିବା ଅର୍ଥରେ ସମ୍ପନ୍ନ ହୋଇପାରିଛି। ମାତ୍ର ବିଶ୍ୱବିଦ୍ୟାଳୟ ଆୟୋଗ ପକ୍ଷରୁ କେବଳ ନାକ୍ ଏ ଗ୍ରେଡ୍‌ପ୍ରାପ୍ତ ବିଶ୍ୱବିଦ୍ୟାଳୟକୁ ଏହି କୋର୍ସ କରିବାକୁ ଅନୁମତି ପ୍ରଦାନ କରିବାରୁ ନାକ୍ ବି-ଗ୍ରେଡ୍‌ରେ ଥିବା ଏହି ବିଶ୍ୱବିଦ୍ୟାଳୟ ଡିଷ୍ଟାନ୍ସ କୋର୍ସ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ଯାଇଥିଲା। ତେବେ ପୂର୍ବତନ କୁଳପତି କିଶୋର ବସାଙ୍କ ପ୍ରଚେଷ୍ଟାରେ ଏହି ବିଶ୍ୱବିଦ୍ୟାଳୟ ନାକ୍ ଏ ଗ୍ରେଡ୍ ପ୍ରାପ୍ତ ହୋଇଥିଲା। ଏହି ଗ୍ରେଡ୍ ପାଇବା ପରେ ପୁନର୍ବାର ଡିଷ୍ଟାନ୍ସ କୋର୍ସରେ ଶିକ୍ଷା ବ୍ୟବସ୍ଥା ଖୋଲିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟକୁ ଆବେଦନ କରାଯାଇଥିଲା। ମାତ୍ର ବିଶ୍ୱବିଦ୍ୟାଳୟ ଆୟୋଗର ସମସ୍ତ ସର୍ତ୍ତ ପୂରଣ କରୁ ନ ଥିବାରୁ ଏହି କୋର୍ସ ନିମନ୍ତେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରି ନ ଥିଲେ। ୨୦୨୪ ଏପ୍ରିଲ ସୁଦ୍ଧା ସମସ୍ତ ଆବଶ୍ୟକତା ପୂରଣ କରିବାକୁ କୁଳପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଉପଦେଷ୍ଟା ହେମ୍ବ୍ରମ ଗତ ମେ' ୨ରେ କୁଳପତି, କୁଳସଚିବ, ଉଚ୍ଚ ଶିକ୍ଷା ବିଭାଗର ଶାସନ ସଚିବ ଏବଂ କୁଳାଧିପତି ସଚିବଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବିଶ୍ୱବିଦ୍ୟାଳୟ ଆୟୋଗ ପକ୍ଷରୁ ଡିଷ୍ଟାନ୍ସ କୋର୍ସ ଶିକ୍ଷା ବ୍ୟବସ୍ଥା ଏହି ବିଶ୍ୱବିଦ୍ୟାଳୟରେ ଖୋଲିବା ପାଇଁ ଆବେଦନର ଶେଷ ତାରିଖ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଏଣୁ ରାଜ୍ୟ ସରକାର ଓ କୁଳପତି ବିହିତ ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି।

# ନବୀନଙ୍କ ପାଇଁ କାନ୍ଦିଲେ ସୀମା




ମଞ୍ଚରେ ବାରିପଦା ପୌର ପରିଷଦର ଉପାଧ୍ୟକ୍ଷା ସୀମା ଦାସ ଅଭିଭାଷଣ ରଖୁଛନ୍ତି।

ବାରିପଦା,୮।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନବୀନ ପଟ୍ଟନାୟକଙ୍କୁ ଗାଳିମନ୍ଦ କରନ୍ତୁ ନାହିଁ । ଜିଲାରେ ବିଜେଡିର ପରାଜୟକୁ ନେଇ ସୁଦାମ ମାରାଣ୍ଡି, ସାନନ୍ଦ ମାରାଣ୍ଡି ଓ ଦେବାଶିଷ ମାରାଣ୍ଡିଙ୍କୁ ଯେତେ ଗାଳି କରିବା କଥା କରନ୍ତୁ। ଅନ୍ୟ ଯାହାକୁ ଗାଳି କରୁଛ କର, ଆମ ନେତା ନବୀନ ପଟ୍ଟନାୟକଙ୍କୁ ଗାଳି କରନ୍ତୁ ନାହିଁ। ସେ କୌଣସି ଦଳର ମୁଖ୍ୟମନ୍ତ୍ରୀ ନ ଥିଲେ, ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏଭଳି କହି ଜିଲାବାସୀଙ୍କୁ ନିବେଦନ କରିବା ସମୟରେ ମଞ୍ଚ ଉପରେ କାନ୍ଦିବାକୁ ଲାଗିଲେ ବାରିପଦା ପୌର ପରିଷଦର ଉପାଧ୍ୟକ୍ଷା ସୀମା ଦାସ।

ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆରେ ପଞ୍ଚ ବାର୍ଷିକ ବାରିପଦା ଶପିଂ ଫେଷ୍ଟିଭାଲର ଉଦ୍‌ଘାଟନୀ ଉତ୍ସବରେ ପୌର ପରିଷଦର ଉପାଧ୍ୟକ୍ଷା ସୀମା ଦାସ ଅତିଥି ଭାବେ ଉପସ୍ଥିତ ଥିଲେ। ବକ୍ତବ୍ୟ ଦେବାକୁ ଆସି ଫେଷ୍ଟିଭାଲ ମାଧ୍ୟମରେ ଲୋକମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ସମ୍ପର୍କରେ ମତାମତ ରଖିଥିଲେ। ଏହି ସମୟରେ ତାଙ୍କୁ ସ୍ୱାଗତ କରିଥିବାରୁ ମନରେ ଥିବା କୋହକୁ ସମ୍ଭାଳି ପାରି ନ ଥିଲେ। କଥା କହୁକହୁ କାନ୍ଦିବାକୁ ଲାଗିଥିଲେ। ଚଳିତ ନିର୍ବାଚନରେ ରାଜ୍ୟ ତଥା ମୟୂରଭଞ୍ଜ ଜିଲାରେ ବିଜେଡିର ଶୋଚନୀୟ ପରାସ୍ତ ପରେ ରାଜ୍ୟରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବାରୁ ବଞ୍ଚିତ ରହିଛନ୍ତି। ନିର୍ବାଚନ ଫଳାଫଳକୁ ନେଇ ସୋସିଆଲ ମିଡିଆରେ ନବୀନ ପଟ୍ଟନାୟକ ଓ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ନେଇ ନକରାତ୍ମକ ପୋଷ୍ଟ ଦେଖିବାକୁ ମିଳିଛି। ଏହି ସବୁ ଦେଖିବା ପରେ ବିଜେଡିର କର୍ମକର୍ତ୍ତାଙ୍କ ମନରେ କୁଠାରଘାତ କରୁଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ରାଜ୍ୟପାଳଙ୍କ ଭବନରୁ ଫେରିବାର ଭିଡିଓକୁ ନେଇ ବିଜେଡି ପ୍ରେମୀଙ୍କୁ ଅନେକ କଷ୍ଟ ଦେଇଛି। ଏହାକୁ ଦେଖି କେହି କେହି ମହିଳା ଲୁଚି ଲୁଚି କାନ୍ଦୁଛନ୍ତି ତ କେହି ଛଳଛଳ ମୁହଁରେ ନବୀନ ପଟ୍ଟନାୟକଙ୍କ ୨୪ବର୍ଷର ସୁଶାସନ ଓ ଦକ୍ଷତାକୁ ନେଇ ପ୍ରମାଣିତ କରିବାରେ ଲାଗିଛନ୍ତି । ଏଭଳି ଜଣେ ଦକ୍ଷ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କୌଣସି କଟୁ ମନ୍ତବ୍ୟ ଦେବାକୁ ଓ ପୋଷ୍ଟ ନ କରିବାକୁ ସେ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି। ବିଜେଡିର କୌଣସି ନେତା କିମ୍ବା କର୍ମୀଙ୍କୁ କମେଣ୍ଟ କିମ୍ବା ବାଧିଲା ଭଳି କଥାବାର୍ତ୍ତା ନ କରିବାକୁ ଜଣେ ମୟୂରଭଞ୍ଜିଆ ବୋହୂ ହିସାବରେ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ହେଉଛନ୍ତି ସମସ୍ତେ ଆମର। ତାଙ୍କ ପ୍ରତି ସମ୍ମାନ ଜଣାଇବା ଆମର କର୍ତ୍ତବ୍ୟ। ତେବେ ଲୋକଙ୍କ ସେବାରେ ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ପୂର୍ବବତ ସହଯୋଗ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ଗୋପବନ୍ଧୁ ନଗର,୮।୬
(ଶାନ୍ତନୁ କୁମାର ମହୁଆଳ)

ମୟୂରଭଞ୍ଜ ଜିଲା ସୋନ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ଏକ ଟ୍ରାକ୍ଟରକୁ ଉଦଳା ପୋଲିସ ଜବତ କରିଛି। ଟ୍ରାକ୍ଟରଟି ଗୋପବନ୍ଧୁ ନଗର ବ୍ଲକ୍ ଜୟପୁରସ୍ଥିତ ନୂଆଗାଁ ଘାଟରୁ ବେଆଇନ ଭାବେ ବାଲି ବୋଝେଇ କରୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚାଳକ କୌଶଳ କ୍ରମେ ଖସି ପଳାଇଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ପଦୋନ୍ନତି କରାଇଦେବାକୁ କହି ୧୭ ଲକ୍ଷ ଟଙ୍କା

ବାରିପଦା,୮।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନାରେ ୧୭ ଲକ୍ଷ ଟଙ୍କା ନେଇ ପଦୋନ୍ନତି କରାଇବାକୁ କହିଥିବା ଜଣେ ରାଜନୈତିକ ଦଳର କର୍ମୀଙ୍କ ବିରୋଧରେ ଜନୈକ ଡାକ୍ତର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୯୨/୨୪)ରେ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ବିକାଶ ନଗର ଅଞ୍ଚଳର ରତିକାନ୍ତ ପରିଡ଼ା ।

ସୂଚନାଯୋଗ୍ୟ, ରାଇରଙ୍ଗପୁର ସବ୍ ଡିଭିଜନ ହସ୍ପିଟାଲରେ ଭାରପ୍ରାପ୍ତ ମେଡିକାଲ ଇନ୍‌ଚାର୍ଜ ଭାବେ ସିନିଅର ଭେଷଜ ବିଶେଷଜ୍ଞ ଡାକ୍ତର ସାଗର ଚନ୍ଦ୍ର ନାଏକ କାର୍ଯ୍ୟରତ ଅଛନ୍ତି। ୨ ବର୍ଷ ପୂର୍ବେ ରତିକାନ୍ତଙ୍କ ସହ ପରିଚୟ ହେବା ପରେ ଘନିଷ୍ଠତା ବଢ଼ିଥିଲା। ରତିକାନ୍ତ ନିଜକୁ ରାଜ୍ୟ ଶାସକ ଦଳର ତୁଙ୍ଗ ନେତା ଭାବେ ପରିଚୟ ଦେଇଥିଲେ। କାଳକ୍ରମେ ଡାକ୍ତରଖାନାରେ ଖାଲି ପଡ଼ିଥିବା ସୁପରିଣ୍ଟେଣ୍ଡେଣ୍ଟ ପଦବୀରେ ଅବସ୍ଥାପିତ କରାଇ ପାରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏ ବାବଦରେ ବାରମ୍ବାର କହିବା ସହିତ ଭରସାଯୋଗ୍ୟ ଓ ନିର୍ଭର ପ୍ରତିଶ୍ରୁତି ଦେଇ ଡାକ୍ତରଙ୍କୁ ବିଶ୍ୱାସ ଜନ୍ମାଇଥିଲେ। ଏହି ପଦବୀ ପାଇଁ ୨୦ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି କହିବା ସହ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରି ୨ ମାସ ମଧ୍ୟରେ ପୋଷ୍ଟିଂ ଦିଆଯିବ ବୋଲି କହିଥିଲେ। ତାଙ୍କ କଥାକୁ ବିଶ୍ୱାସରେ ନେଇ ୧୭ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇ ୩ ମଇ ୨୦୨୨ରେ ସ୍ତ୍ରୀ ସବିତା ରାଣୀ ଓ ଶଳା ଗୋକୁଳ ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ପ୍ରଥମେ ୧୦ ଲକ୍ଷ ଓ ୯ ସେପ୍ଟେମ୍ବର ୨୦୨୨ରେ ୭ ଲକ୍ଷ ଟଙ୍କା ନଗଦ ଆକାରରେ ଦେଇଥିଲେ । ଉକ୍ତ ଟଙ୍କା ଦେବା ସମୟରେ ଡାକ୍ତର ଜଣକ ନିଜର ଆତ୍ମୀୟଙ୍କୁ ଅବଗତ କରିଥିଲେ। ତେବେ ୨ ମାସ ପରିବର୍ତ୍ତେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ପଦୋନ୍ନତୀ ମିଳିବା ଦୂରର କଥା ଫୋନ ମଧ୍ୟ ଉଠାଇ ନ ଥିଲେ। ମେ ୯ତାରିଖରେ ତାଙ୍କ ସହିତ ଡାକ୍ତରଙ୍କ ଦେଖା ହେବାରୁ ସେ ତାଙ୍କୁ ସରକାରୀ କ୍ୱାର୍ଟର୍ସକୁ ଡାକିନେଇ ପଚରା ଉଚୁରା କରିଥିଲେ। ଏହାକୁ ନେଇ ରତିକାନ୍ତ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ଘଟଣା ସମ୍ପର୍କରେ ଥାନାରେ ଜଣାଇଲେ ପରିସ୍ଥିତି ଭୟାନକ ହେବ ବୋଲି ଧମକ ଦେଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଜଣେ ମହିଳା ନେତ୍ରୀ ବୋଲି କହିବା ସହିତ ରାଜ୍ୟ ନେତାମାନେ ମୋ ସହିତ ଅଛନ୍ତି ବୋଲି କହିଥିଲେ। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରତିକାନ୍ତଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଉଦଳା, ୮।୬ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ଭାସ୍କର ମଢ଼େଇଙ୍କୁ ଭାଜପା ପକ୍ଷରୁ ସ୍ଥାନୀୟ ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଦଳା ଏନ୍‌ଏସି ଏବଂ ସଦର ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବିଧାୟକ ମଢ଼େଇଙ୍କ ସହ ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସଂଯୋଜକ ବିଭୂତି ଭୂଷଣ ମହାନ୍ତ, ପ୍ରାଣକୃଷ୍ଣ ବେରା, ଶରତ ଚନ୍ଦ୍ର ଦାସଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ ଦଳର ସଙ୍ଗଠନକୁ କିଭଳି ଭାବେ ସୁଦୃଢ଼ କରାଯାଇପାରିବ, ସେଥିନେଇ ନବନିର୍ବାଚିତ ବିଧାୟକ କର୍ମୀମାନଙ୍କୁ କହିଥିଲେ। ଦଳକୁ ବିଜୟୀ କରିଥିବାରୁ କର୍ମୀମାନଙ୍କ ଉଦ୍ଦେଶ୍ୟରେ ସେ କୃତଜ୍ଞତା ଜଣାଇଥିଲେ। ଏନ୍‌ଏସି ଅଧୀନ ୧୨ ୱାର୍ଡର କର୍ମୀ ଏବଂ ବ୍ଲକସ୍ତରରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ବିଧାୟକ ମଢ଼େଇ ଉଦଳା ନିର୍ବାଚନମଣ୍ଡଳୀରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।

# ବାରିପଦା ଶପିଂ ଫେଷ୍ଟିଭାଲ ଆରମ୍ଭ

ବାରିପଦା,୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଛଉପଡ଼ିଆରେ ୫ମ ବାର୍ଷିକ ବାରିପଦା ଶପିଂ ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ମୁଖ୍ୟ ଆୟୋଜକ ସଞ୍ଜୟ ସାହୁ କହିଛନ୍ତି। ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମାନଙ୍କ ସହଯୋଗରେ ଏହି ମେଳା ୫ମ ବର୍ଷରେ ପଦାର୍ପଣ କରିଛି ବୋଲି ଅନ୍ୟତମ ଆୟୋଜକ ଗୌତମ ରାୟ ପ୍ରକାଶ କରିଛନ୍ତି। ଏହି ମେଳାରେ ଜିଲା ଓ ଜିଲା ବାହାରୁ ବିଭିନ୍ନ ପ୍ରକାର ହସ୍ତତନ୍ତ, କୁଟୀର ଶିଳ୍ପ ଓ ଫାଷ୍ଟଫୁଡ୍‌ର ଷ୍ଟଲ୍ ଲାଗିଛି। ଏଥିସହ ପିଲାଙ୍କ ପାଇଁ ଦୋଳି ଝୁଲା ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଓକିଲ ସଂଘର ସଭାପତି ବିଭୁଦତ୍ତ ଦାସ, ସମ୍ମାନିତ ଅତିଥି ବାରିପଦା ପୌର ପରିଷଦର ଉପାଧ୍ୟକ୍ଷା ସୀମା ଦାସ ଏବଂ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭାଜପା ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀଙ୍କ ସହ କାଉନସିଲର ସୁକେଶିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ୧୯୮୫ ବ୍ୟାଚ୍ ପକ୍ଷରୁ ଖବରଦାତା ଅକ୍ଷୟ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୋମନାଥ ସିଂହ ଓ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବ୍ୟାଚ୍‌ର ସ୍ୱର୍ଗତ ହେମନ୍ତ ଦାଶଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଟ୍ରକ୍ ମାଲିକ ସଂଘ ନିର୍ବାଚନ ସମ୍ଭାବନା ବଢ଼ିଲା

କେନ୍ଦୁଝର,୮।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ସାଧାରଣ ନିର୍ବାଚନ ପରେ ଏବଂ ନିର୍ବାଚନ ଆଚରଣ ବିଧି ଉଠିବା ପରେ ବହୁ ପ୍ରତୀକ୍ଷିତ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ସମ୍ଭାବନା ବଢ଼ିଯାଇଛି। ବୋର୍ଡ ଅଫ୍ ରେଭେନ୍ୟୁଙ୍କ ପକ୍ଷରୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍) କେନ୍ଦୁଝର ଅତିରିକ୍ତ ଜିଲାପାଳଙ୍କୁ ଚିଠିକରି ନିର୍ବାଚନ ଆଚରଣ ବିଧି ଉଠିବା ପରେ ନିର୍ବାଚନ ପ୍ରକ୍ରିୟା ପୁନଃ ଆରମ୍ଭ କରିବା ପାଇଁ ଜଣାଇଥିଲେ। ସଂଘର ଚୂଡାନ୍ତ ବୈଧ ସେଦସ୍ୟଙ୍କ ନାମ ପ୍ରକାଶିତ ହୋଇଥିବାବେଳେ ଏହାକୁ ଆଇଜିଆର ତନଖି ମଧ୍ୟ କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଟ୍ରକ୍ ମାଲିକ ସଂଘର ନିର୍ବାଚନ ଅବଧି ସରିଯାଇଥିଲେ ହେଁ ନିର୍ବାଚନ ହୋଇପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଆସୁଛି। ଏଥିପାଇଁ ମାମଲା ଉଚ୍ଚ ନ୍ୟାୟାଳୟରେ ପହଞ୍ଚିବା ପରେ ନିର୍ବାଚନ କରିବା ପାଇଁ ବାରମ୍ବାର ବାଟ ଫିଟୁଥିଲେ ହେଁ ବିଭିନ୍ନ କାରଣରୁ ନିର୍ବାଚନ ହୋଇପାରୁନାହିଁ। ଏପରିକି ନିର୍ବାଚନ ହେବା ନେଇ ୨ ମାସ ପୂର୍ବେ ଆଶାୟୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ପ୍ରାର୍ଥୀଙ୍କ ହୋର୍ଡିଂ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବେଳେ ପ୍ରଚାର ମଧ୍ୟ ଆରମ୍ଭ କରିଥିଲେ। କିନ୍ତୁ ନିର୍ବାଚନ ପାଇଁ ସଦସ୍ୟତା ତାଲିକା ପ୍ରସ୍ତୁତ ହୋଇ ନ ପାରିବାରୁ ସମସ୍ତେ ନିରାଶ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ରିଟ୍ ପିଟିଶନ ୨୩୧୯ ଅଫ୍ ୨୦୨୩ର ଶୁଣାଣି କରି ନିର୍ବାଚନ କରିବାକୁ ଆଦେଶ କରିଥିଲେ। ଏଥିପାଇଁ କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନାକରି ଉକ୍ତ ଆଦେଶ ପାଳନ ନେଇ ପଦକ୍ଷେପ ନିଆଯିବ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଥିଲା। ଏହାର କପି ଉଚ୍ଚ ନ୍ୟାୟାଳୟଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ ପ୍ରଦାନ କରିଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ଆଇଜିଆର୍ ସଦସ୍ୟ ତାଲିକା ପାଇଁ ଅଭିଯୋଗ ଶୁଣାଣିକରି ଫାଇନାଲ ତାଲିକା ପ୍ରସ୍ତୁତ କରିଥିଲେ। ଏହା ମଧ୍ୟ ସାଧାରଣ ନିର୍ବାଚନ ପହଞ୍ଚିବାରୁ ନିର୍ବାଚନ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖରେ ହୋଇପାରି ନ ଥିଲା। ଏବେ ନିର୍ବାଚନର ବାଟ ଫିଟିଛି ବୋଲି ଟ୍ରକ୍ ମାଲିକ ତଥା ଆବେଦନକାରୀ ଅୟସକାନ୍ତ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ନିର୍ବାଚନ ହେଲେ ଟ୍ରକ୍ ମାଲିକଙ୍କ ସମସ୍ୟା ସମାଧାନ ହେବ ଏବଂ ଲୋଡିଂ ସମସ୍ୟା ଦୂରହୋଇପାରିବ। ଏଥିପାଇଁ ଆଇଜିଆର୍ ଆସି ଜିଲାପାଳଙ୍କ ସହ ଆଲୋଚନାକରି କମିଟିଗଠନ କରିନିର୍ବାଚନ ତାରିଖ ଘୋଷଣା କରିବେ ବୋଲି ସେ ଫୋନ ଯୋଗେ ତାଙ୍କ ସହିତ କଥା ହୋଇଥିବା ଅୟସକାନ୍ତ ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଲଳିତ ସୋରେଙ୍ଗ କହିଛନ୍ତି, ଆଇଜିଆର୍‌ଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ କରାଯିବ।

# ଗାଁରେ ରଜ ସଜବାଜ

ରାମଚନ୍ଦ୍ରପୁର,୮।୬(ଗଣେଶ୍ୱର ସା)

କେନ୍ଦୁଝର ଜିଲାରେ ରଜ ପର୍ବକୁ ଗଣପର୍ବ ଭାବେ ପାଳନ କରାଯାଇଥାଏ। ଏନେଇ ଜିଲାରେ ସଜବାଜ ଆରମ୍ଭ ହୋଇଯାଇଛି। ଗାଁମାନଙ୍କରେ ରଜ ପର୍ବକୁ ପାଳିବା ନେଇ ବିଭିନ୍ନ ସ୍ଥାନରେ ଖାଇ ଦୋଳି, ପଟା ଦୋଳି, ଦଉଡ଼ି ଦୋଳି, ସ୍ପ୍ରିଂ ଦୋଳି, ଚକିର ଦୋଳି ପ୍ରସ୍ତୁତି ନେଇ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆନନ୍ଦପୁରର ବେଲବାହାଳି, ନୟାଗଡ଼, ଟୋଲଙ୍କପଡ଼ା, ଫକିରପୁର, ଘସିପୁରାର ସାଇଁକୁଳ, ଖଲଣା, ଭଗାନାଇ, ଅତାସାହି, ବାଟୋ, କରଡ଼ାପାଳ, ମଛାଳ, ଖଣ୍ଡିଦୋଳି, ମଦନପୁର, ଢ଼ିଙ୍କିଆ ଆଦି ଗ୍ରାମରେ ରଜ ପର୍ବ ପ୍ରସ୍ତୁତି ଜୋରସୋରରେ ଚାଲିଛି। ରଜ ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ଏହି ଦିନରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ ବୋଲି ଅବସରପ୍ରାପ୍ତ ସେନା ସୁବେଦାର୍ ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି।



ଗାଁରେ ଦୋଳି ବନ୍ଧା ଯାଉଛି।

# କେନ୍ଦୁଝରରେ ୧୬୮ ହାତୀ

କେନ୍ଦୁଝର,୮।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବିଭିନ୍ନ ଜଙ୍ଗଲରେ ସମୁଦାୟ ୧୬୮ ହାତୀ ଅଛନ୍ତି। ସେଥିମଧ୍ୟରୁ କେନ୍ଦୁଝର ବନଖଣ୍ଡରେ ୧୩୫ ହାତୀ ରହିଥିବା ବେଳେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ଅଞ୍ଚଳରେ ୩୩ ହାତୀ ବିଚରଣ କରୁଛନ୍ତି। ନିକଟରେ ହୋଇଥିବା ହାତୀ ଗଣନାରୁ ଏହି ସୂଚନା ମିଳିଥିବା ବେଳେ ପୂର୍ବଭଳି ଜିଲାରେ ଘଞ୍ଚ ଜଙ୍ଗଲ ନ ଥିବାରୁ ହାତୀଙ୍କ ଚଳପ୍ରଚଳ କମିଛି। ଖାଦ୍ୟ ଅଭାବରୁ ହାତୀ ଜନବସତି ମୁହାଁ ହୋଇ ମଣିଷ ସହ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି

ସୂଚନା ଅନୁଯାୟୀ, ରାଉରକେଲା ସର୍କଲରେ ସମୁଦାୟ ୪୩୧ ହାତୀ ରହିଥିବା ବେଳେ ସେଥିରୁ କେନ୍ଦୁଝର ବନଖଣ୍ଡରେ ୧୩୫ ହାତୀ ଅଛନ୍ତି। କେନ୍ଦୁଝର ବନଖଣ୍ଡ ଜଙ୍ଗଲରେ ମାଇହାତୀ ସଂଖ୍ୟା ଅଧିକ ରହିଛି। ୪୩ ବୟସ୍କ ମାଇ ହାତୀ ରହିଥିବା ବେଳେ ୧୩ ବୟସ୍କ ଦନ୍ତା, ୧୫ ମଧ୍ୟମ ବୟସ୍କ ଦନ୍ତା ଏବଂ ମଖନା ହାତୀ ସଂଖ୍ୟା ୨ ରହିଛି। ମଧ୍ୟମ ବୟସ୍କ ମାଇ ହାତୀଙ୍କ ସଂଖ୍ୟା ୧୫, ଅଳ୍ପ ବୟସ୍କ ହାତୀ ସଂଖ୍ୟା ୧୯, ଛୁଆହାତୀ ସଂଖ୍ୟା ୨୮ ରହିଛି। ସେହିପରି ବାରିପଦା ସର୍କଲରେ ସମୁଦାୟ ୩୧୧ଟି ହାତୀ ରହିଥିବା ବେଳେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡରେ ୩୩ ହାତୀ ରହିଛନ୍ତି। ସେଥିରେ ୧୧ ବୟସ୍କ ମାଇ ହାତୀ ରହିଥିବା ବେଳେ ୧୦ ବୟସ୍କ ଦନ୍ତା, ମଧ୍ୟମ ବୟସ୍କ ମାଇ ହାତୀ ସଂଖ୍ୟା ୨, ଅଳ୍ପ ବୟସ୍କ ହାତୀଙ୍କ ସଂଖ୍ୟା ୪ ଓ ଛୁଆହାତୀଙ୍କ ସଂଖ୍ୟା ୬ ରହିଛି।



କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍‌ର ରେଙ୍ଗାଲଗୁଡ଼ା ଗ୍ରାମ ନିକଟରେ ହାତୀପଲ ବିଶ୍ରାମ କରୁଛନ୍ତି।

### ଜଙ୍ଗଲର ଘନତ୍ୱ କମିଛି

ଅବିଭକ୍ତ କେନ୍ଦୁଝର ଜିଲାର ବିସ୍ତୃତ ଘଞ୍ଚ ଜଙ୍ଗଲ ହାତୀଙ୍କ ସୁରକ୍ଷିତ ଆବାସସ୍ଥଳୀ ଭାବରେ ପରିଗଣିତ ହେଉଥିଲା। ଗତ ପ୍ରାୟ ୨୦ବର୍ଷ ମଧ୍ୟରେ ଖଣିଖାଦାନ, ଶିଳ୍ପ, ଡ୍ୟାମ୍, ରାସ୍ତାଘାଟ, ଜଙ୍ଗଲ ଜବରଦଖଲ ଆଦି ଯୋଗୁ ଜଙ୍ଗଲ ପରିସୀମା ସଙ୍କୁଚିତ ହେବାକୁ ଲାଗିଛି। ଘନତ୍ୱ ବହୁ ପରିମାଣରେ ହ୍ରାସ ପାଇଥିବାରୁ ହାତୀଙ୍କ ଆବାସ ସ୍ଥଳୀ ଧ୍ୱସ୍ତ ହୋଇଯାଇଛି। ଫଳରେ ହାତୀ ଚଲାପଥଗୁଡ଼ିକ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଜଙ୍ଗଲରେ ପୂର୍ବପରି ଖାଦ୍ୟ ଅଭାବରୁ ହାତୀ ଜନବସତି ମୁହାଁ ହେଉଛନ୍ତି। ମଣିଷ ଓ ହାତୀ ମଧ୍ୟରେ ତିକ୍ତତା ଦେଖିବାକୁ ମିଳୁଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିପିନ ବିହାରୀ ମହାପାତ୍ର କହିଛନ୍ତି, ହାତୀଙ୍କ ସୁରକ୍ଷିତ ବିଚରଣ ପାଇଁ ଜଙ୍ଗଲ ଓ ପରିବେଶର ସୁରକ୍ଷା ଜରୁରୀ। ଏହାଦ୍ୱାରା ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ସମସ୍ୟା ମଧ୍ୟ ଦୂରହୋଇପାରିବ। ଏଣୁ ଏଥିପ୍ରତି ସରକାର ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ଜରୁରୀ। କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନରାଜ କହିଛନ୍ତି, ହାତୀଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ହାତୀସ୍କ୍ୱାଡ୍ ମୁତୟନକରି ସେମାନଙ୍କ ଗତିବିଧିକୁ ନଜର ରଖାଯାଉଛି। କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଆନନ୍ଦପୁରର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ହାତୀଙ୍କ ସୁରକ୍ଷା ପାଇଁ ବିଶେଷକରି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଓ ଅନ୍ୟାନ୍ୟ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ସେମାନଙ୍କ ପାଇଁ ଖାଦ୍ୟ ଓ ଜଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି।

## ରାଜସ୍ୱ ପାଇଁ ହାତୀ ସୁରକ୍ଷାକୁ ଜଳାଞ୍ଜଳି

ଏକଦା ହାତୀ ସୁରକ୍ଷା ପାଇଁ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଜିଲାର ପ୍ରାୟ ୧୦ ହଜାର ହେକ୍ଟର ଅଞ୍ଚଳକୁ ହାତୀ ଚଳପ୍ରଚଳ ଅଞ୍ଚଳ କରିବାକୁ ପ୍ରସ୍ତାବ ହୋଇଥିଲା। ଏ ନେଇ ଉକ୍ତ ଜିଲାଗୁଡ଼ିକରେ ଆଲୋଚନା, ବୈଠକ ବସିଥିଲା। ଏଥିସହ ହାତୀଙ୍କ ସୁରକ୍ଷା ପାଇଁ ସରକାରୀସ୍ତରରେ ମଧ୍ୟ ଉଦ୍ୟମ ହୋଇଥିଲା। କିନ୍ତୁ ଏହାଦ୍ୱାରା ଖଣି ଖାଦାନ ଓ ଅନ୍ୟ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ଦେଖାଯାଇଥିଲା। ଏଣୁ ପରେ ପ୍ରସ୍ତାବକୁ ସ୍ଥଗିତ କରିଦିଆଗଲା। ଏବେ ବି ହାତୀଙ୍କ ସୁରକ୍ଷା ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ପ୍ରକୃତରେ ସେମାନଙ୍କ ସୁରକ୍ଷା ହୋଇପାରୁ ନାହିଁ। ଫଳରେ ସ୍ୱାଭାବିକ ଓ ଅସ୍ୱାଭାବିକ ଭାବେ ବହୁ ହାତୀଙ୍କ ଜୀବନ ଚାଲିଯାଉଛି। ବିଦ୍ୟୁତ୍ ଆଘାତ, ଟ୍ରେନ୍ ଓ ବସ୍ ଦୁର୍ଘଟଣା, ସମ୍ପତ୍ତି ଓ ଲୋକଙ୍କ ଜୀବନ ପାଇଁ କିମ୍ବା ଦାନ୍ତ ଲାଗି ଶିକାର, ରୋଗ ସଂକ୍ରମଣ ଆଦିରେ ବହୁ ହାତୀଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

## ୧ ଟ୍ରିପ୍ କାଠ ଜବତ

ପାଟଣା,୮।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ଚୋରା କାଠ ବ୍ୟବସାୟୀଙ୍କ ଚରାଭୂଇଁ ପାଲଟିଛି। ଦିନ ଦ୍ୱିପ୍ରହରରେ ମେସିନ ଲଗାଇ ବଡ଼ ଗଛ କାଟି ଟ୍ରକ ଯୋଗେ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଶନିବାର ପାଟଣା ରେଞ୍ଜ କେନ୍ଦେଇ ପଶି ବିଟ୍ ଅନ୍ତର୍ଗତ ଜହ୍ନେଇ ପଶି ଗ୍ରାମ୍ୟ ଜଙ୍ଗଲରୁ କାଠ ବ୍ୟବସାୟୀ ବଡ଼ ୟୁକାଲି ପଟାସ ଗଛ କାଟି ଚାଲାଣ କରୁଥିଲେ। ଏ ନେଇ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ଗାର୍ଡ ଲକ୍ଷ୍ମୀପ୍ରିୟା ମହାନ୍ତ ଓ ପାରାଷ୍ଟାଫ୍ ପହଞ୍ଚି ଏକଟ୍ରିପ୍ କାଠ ଜବତ କରି କ୍ଷୀରେଇଟାଙ୍ଗିରି ସେକ୍ସନକୁ ନେଇଛନ୍ତି। କାଠ ବ୍ୟବସାୟୀ ଘଟଣାରେ ଚଞ୍ଚକତା କରି ପ୍ରଥମେ କିଛି ପଟ୍ଟା ଭୁକ୍ତ ଜମି ଦେଖାଇ ଗଛ କାଟିବା ପାଇଁ ଆରଆଇଙ୍କଠାରୁ ଅନୁମତି ପାଇବା ପରେ ସେହି କାଗଜ ଆଳରେ ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ନେଉଛନ୍ତି। ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ପ୍ରାଇଭେଟ ପ୍ଲଟ୍‌ରୁ ଗଛ କାଟି ଚାଲାଣ ହେଉଥିବାର ଗାଁ ଲୋକେ ଅଭିଯୋଗ କରିଥିଲେ। ପରେ କଟା ଯାଇଥିବା ଗଛ ମଧ୍ୟରୁ କିଛି କାଠକୁ ଜବତ କରାଯାଇ ଟ୍ରାକ୍ଟର ସହାୟତାରେ ଖୀରେଇଟାଙ୍ଗିରୀ ସେକ୍ସନ କାର୍ଯ୍ୟାଳୟକୁ ନିଆଯାଇଛି। ତେବେ କାଠ କଟା ପାଇଁ ବନ ବିଭାଗର କୌଣସି ଅନୁମତି ସେମାନେ ନେଇ ନ ଥିଲେ।



ଅତ୍ୟଧିକ ଗରମରୁ ରକ୍ଷା ପାଇଁ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋନାସିକାସ୍ଥିତ ଶ୍ରୀ ବ୍ରହ୍ମେଶ୍ୱର ନିକଟ ବ୍ରହ୍ମକୁଣ୍ଡରେ ପିଲାମାନେ ଗାଧୋଇ ମଜା ନେଉଛନ୍ତି। (ଫଟୋ-ନରେଶ)।

## ସାହୁପୁରର ୨ ଛାତ୍ର ନିଟ୍ ପରୀକ୍ଷାରେ ସଫଳ



ଆଶୁତୋଷ ସାହୁ



ବି.ପ୍ରତିକ ସ୍ୱରୁପ

ବଉଳା(ଦୁର୍ଗା ପ୍ରସାଦ ଆୟଚ)/ହାଟଡ଼ିହୀ (ପାର୍ଥ ସୌରଭ ସା), ୮।୬

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍‌ର ଗେଡମା ପଞ୍ଚାୟତ ସାହାପୁର ଗ୍ରାମର ୨ ଛାତ୍ର ଆଶୁତୋଷ ସାହୁ ଓ ବି.ପ୍ରତିକ ସ୍ୱରୁପ ଜେନା ନିଟ୍ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଆନନ୍ଦଚନ୍ଦ୍ର ସାହୁ ଓ ମମତା ମଞ୍ଜରି ସାହୁଙ୍କ ପୁଅ ଆଶୁତୋଷ ୬୯୫ ମାର୍କ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବ୍ରଜ କିଶୋର ଜେନା, ମାତା ପ୍ରଭାତି ଜେନାଙ୍କ ପୁତ୍ର ବି.ପ୍ରତିକ ସ୍ୱରୁପ ୬୪୫ ମାର୍କ ରଖି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ୨ ଛାତ୍ରଙ୍କ ଘର ଗୋଟିଏ ଗାଁରେ ହୋଇଥିବା ବେଳେ ଏଭଳି ସଫଳତା ନେଇ ଗାଁରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@କ୍ରିଷ୍ଣା



@ନରେଶ



@ପ୍ରମୋଦ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଝରକା ତାଡ଼ି ୨.୫ ଲକ୍ଷ ଟଙ୍କା, ଅଳଙ୍କାର ଚୋରି



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ହାଟଡ଼ିହୀ/ବଉଳା(ଶୁଭକାନ୍ତ ନାୟକ/ ପାର୍ଥ ସୌରଭ ସା/ ଦୁର୍ଗା ପ୍ରସାଦ ଆୟଚ),୮।୬

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ରାତିରେ ଛେନାପଦୀ-ହଦଗଡ଼ ରୋଡ୍‌ରେ ଥିବା ବିପିନ ନରହରି ସାଙ୍କ ପୁତ୍ର ଜନସନ ସାଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଘରର ଝରକା ତାଡ଼ି ଘରୁ ନଗଦ ଟଙ୍କା ଓ ଅଳଙ୍କାର ନେଇଯାଇଥିବା ଥାନାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାତିରେ ପରିବାରର ସମସ୍ତେ ଖାଇ ସାରି ଉପର ତାଲାକୁ ଶୋଇବାକୁ ଯାଇଥିଲେ। ଦୁର୍ବୃତ୍ତ ରାତିରେ ଘରର ପଛପାଖ ଝରକା ଗ୍ରୀଲ ଭାଙ୍ଗି ଘର ଭିତରେ ପଶିଥିଲେ। ପରେ ଘର ଭିତର ପଟୁ କବାଟ ଦେଇ ଲୁଟପାଟ କରିଥିଲେ। ଜନସନଙ୍କ ଗଡ୍‌ରେଜ୍ ଭାଙ୍ଗି ୧୫ ଭରି ସୁନା, ୧୦ ଭରିରୁପା ଓ ନଗଦ ୨ ଲକ୍ଷ ୫୦ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ଜନସନଙ୍କ ଭାଇ ତ୍ରିଲୋଚନ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ନନ୍ଦିପଦା ପୋଲିସ ସାଇଣ୍ଟିଫିକ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନନ୍ଦିପଦା ଥାନା ରେ ଏକ ମାମଲା(ନଂ.୧୯୫/୨୦୨୪) ରୁଜୁ ହୋଇଛି। ପୋଲିସ ପଡ଼ୋଶୀ ଘରେ ଲାଗିଥିବା ସିସି ଟିଭି ଯାଞ୍ଚ ଜାରି ରଖିଛି। ବିଭିନ୍ନ ଦିଗ୍ ପ୍ରତି ଧ୍ୟାନ ଦିଆଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ମାସରେ କୁଣ୍ଡିସାହିର ଜଣେ ବ୍ୟକ୍ତିଙ୍କ ଘରୁ ଓ ଛେନାପଦି ଛକରେ ଥିବା ଜଣେ ଅଧ୍ୟାପିକଙ୍କ ଘରୁ ସମାନ ଧରଣର ଚୋରି ହୋଇଥିଲା। ଆଜି ପର୍ଯ୍ୟନ୍ତ ପୋଲିସ ଉକ୍ତ ଘଟଣାରେ କୌଣସି ସୁରାକ ପାଇ ପାରିନାହିଁ।

## ଭାଙ୍ଗିଲା ଘର, ଭୁଶୁଡ଼ିଲା ବିଦ୍ୟୁତ୍ ଷ୍ଟ୍ରକ୍‌ଚର

ପାଟଣା,୮।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ମିରିଗିଖୋଜି, ଟାଙ୍ଗରପଡ଼ା ପଞ୍ଚାୟତ ବାଦୁଡି ଘେରା ଓ କେନ୍ଦେଇ ପଶି ପଞ୍ଚାୟତ ସିଲିଦା ଅଞ୍ଚଳରେ ଶୁକ୍ରବାର କାଳ ବୈଶାଖୀ ତାଣ୍ଡବ ରଚିଛି। ଏହାର ପ୍ରଭାବରେ ଅଞ୍ଚଳରେ ୮ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ସମେତ ଷ୍ଟ୍ରକ୍‌ଚର ଭାଙ୍ଗି ସେବା ବ୍ୟାଘାତ ହୋଇଛି। ଶନିବାର ପାଟଣା ରାଜସ୍ୱ ନିରୀକ୍ଷକ ଶ୍ରୀଧର ନାଏକ ଓ ବିଦ୍ୟୁତ୍ ବିଭାଗ ପହଞ୍ଚି ମିରିଖଜି ଅଞ୍ଚଳର କ୍ଷୟକ୍ଷତି ଆକଳନ କରିଛନ୍ତି। ମୋଟ ୧୬ ଜଣଙ୍କ ଖପର, ଆଜବେଷ୍ଟସ ଓ ଟାଇଲ ଘରର ଛପର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୮ରୁ ଊର୍ଦ୍ଧ୍ୱ ୧୧କେଭି ବିଦ୍ୟୁତ୍ ଖୁଣ୍ଟଖସି ପଡ଼ିଛି। ଫଳରେ ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ହେବ ମୁରିଖୋଜି, ଅସନ ବାହାଳୀ, ଭାଲିଆ ଡାଳ, କୁମୂଳା ବାହାଳୀ, ବାଦୁଡ଼ି ଘେରା, ଶିଳିଦା ପ୍ରମୁଖ ଗାଁ ଗୁଡ଼ିକ ଅନ୍ଧାରରେ ରହିଛି। ଅସହ୍ୟ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥି ସହ ଅସନ ବାହାଳୀ ଗ୍ରାମ ଚାଷ ଜମି ପାଇଁ ବୈତରଣୀ ନଦୀରୁ ପାଣି ଯୋଗାଣ ପାଇଁ ଲାଗିଥିବା ୨୫ କେଭି ଟ୍ରାନ୍ସଫରମର ଧରାଶାୟୀ ହୋଇପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ମରାମତି କରି ସେବା ଯୋଗାଇ ଦେବାବାକୁ ସ୍ଥାନୀୟ ସରପଞ୍ଚ ମନ ମୋହନ ବେହେରା, ସାମାଜିକକର୍ମୀ କିଶୋର ଚନ୍ଦ୍ର ମହନ୍ତ, ଭୂତ ମହାନ୍ତ, ବିରଞ୍ଚି ପଲେଇ, କାହ୍ନୁ ଚରଣ ମହାନ୍ତ, କେଶବ ମହାନ୍ତ ପ୍ରମୁଖ ଦାବି କରିଛନ୍ତି। ଅନୁରୂପ ଭାବେ ପାଟଣା ତହସିଲ ସ୍ୱାମ ନାଏକ ସାହିର କନ୍ଦର୍ପ ନାଏକଙ୍କ ଘର ଉପରେ ଏକ ଗଛ ଡ଼ାଳ ଖସି ପଡ଼ିବାରୁ ଆଜ୍‌ବେଷ୍ଟସ ଘର ଭାଙ୍ଗି ଯାଇଛି।

### ତାଣ୍ଡବ ରଚିଲା କାଳବୈଶାଖୀ



କାଳବୈଶାଖୀ ପ୍ରଭାବରେ ଘରର ଛପର ଉଡ଼ିଯାଇଛି।



ଏକ ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଉପୁଡ଼ିଯାଇଛି।

# ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

## ଅଧିସୂଚନା

**ନୂଆଦିଲ୍ଲୀ, 6 ସେପ୍ଟେମ୍ବର, 2023**

No.MM-07:- ଏସ୍.ଓ. 3974 (ଇ) - ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଚିଠା ଅଧିସୂଚନା ସଂଖ୍ୟା ଏସ୍.ଓ. 821 (ଇ), ତାରିଖ 23 ଫେବୃଆରୀ, 2022 ଏବଂ ଅନ୍ତିମ ଅଧିସୂଚନା ସଂଖ୍ୟା ଏସ୍.ଓ. 1601 (ଇ), ତାରିଖ 16 ଜୁନ୍ 2015 କୁ ବାତିଲ କରି , ପରିବେଶ (ସଂରକ୍ଷଣ) ଅଧିନିୟମ, 1986 (1986 ର 29) ର ଧାରା 3 ଉପ-ଧାରା (2) ର ଖଣ୍ଡ (v) ଏବଂ ଖଣ୍ଡ (xiv) ତଥା ଉପ-ଧାରା (3) ସହିତ ପଠିତ ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତାର ପ୍ରୟୋଗରେ କେନ୍ଦ୍ର ସରକାର ଅଧିସୂଚନାର ନିମ୍ନଲିଖିତ ଚିଠା ଜାରି କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି । ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ର ପରିବେଶର ନିୟମ 5 ର ଉପ-ନିୟମ (3) ଅନୁଯାୟୀ ଏହାଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ଜନସାଧାରଣଙ୍କ ସୂଚନା ପାଇଁ ପ୍ରକାଶିତ ହୋଇଛି ; ଏବଂ ଏହାଦ୍ୱାରା ଅଧିସୂଚନା ପ୍ରଦାନ କରାଯାଇଛି ଯେ ଉକ୍ତ ଚିଠା ଅଧିସୂଚନା ଷାଠିଏ ଦିନର ଅବଧି ସମାପ୍ତ ହେବା ପରେ କିମ୍ବା ସେହି ଅଧିସୂଚନା ଉଲ୍ଲେଖ ଥିବା ରାଜପତ୍ରର ନକଲ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହେବା ଦିନଠାରୁ ବିଚାରକୁ ନିଆଯିବ ।

ଚିଠା ଅଧିସୂଚନାରେ ଥିବା ପ୍ରସ୍ତାବ ଉପରେ କୌଣସି ଆପତ୍ତି କିମ୍ବା ପରାମର୍ଶ ଦେବାକୁ ଆଗ୍ରହୀ ବ୍ୟକ୍ତି , ନିର୍ଦ୍ଧାରିତ ଅବଧି ମଧ୍ୟରେ, କେନ୍ଦ୍ର ସରକାରଙ୍କ ବିଚାର ପାଇଁ, ସଚିବ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ , ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ ରୋଡ, ଆଲିଗଞ୍ଜ, ନୂଆଦିଲ୍ଲୀ -101 003 ଠିକଣାରେ ଲିଖିତ ଆକାରରେ କିମ୍ବା ମନ୍ତ୍ରଣାଳୟର ଇ-ମେଲ ଠିକଣା esz-mef@nic.inରେ ପଠାଇପାରିବେ ।

### ଚିଠା ଅଧିସୂଚନା

ଯେହେତୁ, ଭିତରକନିକା ଜାତୀୟ ଉଦ୍ୟାନ 145 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପିଛି, ଏବଂ ଯାହାକୁ ଅଧିସୂଚନା ସଂଖ୍ୟା 19686 / ଏଫ୍ ଓ ଇ ତା 16.09.1998 ରିଖ ଦ୍ୱାରା ଅଧିସୂଚିତ ହୋଇଛି ଏବଂ ଏହା ଓଡ଼ିଶା ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାର ରାଜନଗର ତହସିଲରେ ଅବସ୍ଥିତ;

ଏବଂ ଯେହେତୁ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ 673 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପିଛି ଏବଂ ଏହା ଓଡ଼ିଶା ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାର ରାଜନଗର, କନିକା ଏବଂ ମହାକାଳପଡା ତହସିଲରେ ଅବସ୍ଥିତ । ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାରଙ୍କର ଅଧିସୂଚନା ସଂଖ୍ୟା ଏଫ ଇ-ଡବ୍ଲ୍ୟୁ ଏଲ- ଡବ୍ଲ୍ୟୁ ଏଲ ଏଫ-0054 - 2015 - 2289 ତାରିଖ 01.02.2020 ଦ୍ୱାରା ବନ୍ୟପ୍ରାଣୀ (ସଂରକ୍ଷଣ) ଅଧିନିୟମ, 1972 ର ବିଭାଗ 26 କ ର ଉପବିଭାଗ (1) ସହିତ ଧାରା (ଖ) ଅଧିନରେ 54.45 ବର୍ଗ କିମି ବିଶିଷ୍ଟ 52 ଟି ଗାଁକୁ ବାଦ ଦେଇ ଏବଂ 55.45 ବର୍ଗ କିଲୋମିଟର କ୍ଷେତ୍ର ବିଶିଷ୍ଟ ମହାକାଳପଡା ତହସିଲର ୪ ଟି ବନ ବ୍ଲକକୁ ଅନ୍ତର୍ଭୁକ୍ତ କରି ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମାକୁ; ପୁନର୍ଗଠିତ ଏବଂ ପୁନଃ ଅଧିସୂଚିତ କରାଯାଇଛି;

ଏବଂ ଯେହେତୁ, ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ 1435 ବର୍ଗ କିଲୋମିଟର ଅଞ୍ଚଳରେ ବ୍ୟାପିଛି, ଯାହା ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚନା ସଂଖ୍ୟା ୪ ଏଫ (ଡବ୍ଲ୍ୟୁ ଏଲ) 4 / 97-18805 / ଏଫ୍ ଓ ଇ ତା 27.02.1997 ରିଖ ରେ ଅଧିସୂଚିତ କରାଯାଇଛି ଏବଂ ଏହା ଓଡିଶା ରାଜ୍ୟର କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଏବଂ ମହାକାଳପଡା ତହସିଲରେ ଅବସ୍ଥିତ;

ଏବଂ ଯେହେତୁ, ଭିତରକନିକା ଜାତୀୟ ଉଦ୍ୟାନର ସୀମା ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ ଅଛି ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରକନିକା ବନ୍ୟଜନ୍ତୁ ଅଭୟାରଣ୍ୟର ପୂର୍ବ ସୀମା ସହିତ ସଂଯୁକ୍ତ ଏବଂ ଏହି ସଂରକ୍ଷିତ ଅଞ୍ଚଳଗୁଡିକ ଏକ ସଂଲଗ୍ନ ଭୂମି ଏବଂ ଜଳାଶୟକୁ ନେଇ ଗଠିତ ଯାହା ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଚିହ୍ନିତ ;

ଏବଂ ଯେହେତୁ, ଏହି ସଂରକ୍ଷିତ ଅଞ୍ଚଳ ଜୈବ ବିବିଧତାରେ ସମୃଦ୍ଧ ଏବଂ ଉଚ୍ଚ ଉତ୍ପାଦନକାରୀ ପରିସଂସ୍ଥା ଯେଉଁଥିରେ ମୁହାଣ ଓ ସମୁଦ୍ର ପରିସଂସ୍ଥା ସହିତ 61 ପ୍ରଜାତିର ଅମେରୁଦଣ୍ଡୀ ପ୍ରାଣୀ ଯଥା- ପ୍ରୋଟୋଜୋଆ (2 ପ୍ରଜାତି), କୋଏଲେଣ୍ଟେରେଟ୍ସ (3 ପ୍ରଜାତି), ମୋଲୁସ୍କା (7 ପ୍ରଜାତି), ଆନ୍ନାଲିଡସ୍ (34 ପ୍ରଜାତି), ଆର୍ଥ୍ରୋପୋଡସ୍ (15 ପ୍ରଜାତି) ଏବଂ ମେରୁଦଣ୍ଡୀ ପ୍ରାଣୀ ଯଥା- ମାଛ (20 ପ୍ରଜାତି), ଉଭୟଚର (5 ପ୍ରଜାତି), ଏବଂ ସରୀସୃପ (42 ପ୍ରଜାତି), ପକ୍ଷୀ (280 ରୁ ଅଧିକ ପ୍ରଜାତି), ସ୍ତନ୍ୟପାୟୀ ପ୍ରାଣୀ (ସେଟାସିଆନ୍ ସମେତ 28 ପ୍ରଜାତି) ରେ ପରିପୂର୍ଣ୍ଣ ଅଟେ ;

ଏବଂ ଯେହେତୁ , ଭିତରକନିକା ଅଞ୍ଚଳରେ ଭାରତରେ ଇଷ୍ଟୁଆରିନ୍ କୁମ୍ଭୀରର ସର୍ବାଧିକ ପ୍ରାକୃତିକ ଜନସଂଖ୍ୟା ରହିଛି ଏବଂ ସରୀସୃପ ବିବିଧତା ପାଇଁ ବିଖ୍ୟାତ । ଏହି ଅଞ୍ଚଳର ଏସିଆର ସର୍ବ ବୃହତ ବଗ (ହେରୋନି) ରହିଛି, ଯାହା ବର୍ଷା ଏବଂ ଶୀତ ଋତୁରେ ପ୍ରତିବର୍ଷ ଭିତରକନିକା ଆର୍ଦ୍ରଭୂମି ପରିଦର୍ଶନ କରୁଥିବା ଏକଲକ୍ଷରୁ ଅଧିକ ବିଦେଶାଗତ ବଗ (ହିରୋନ)ମାନଙ୍କର ଏକ ବାର୍ଷିକ କାର୍ଯ୍ୟକଳାପ;

ଏବଂ ଯେହେତୁ, ଭିତରକନିକା ହେଉଛି ଓଡିଶାର ଦ୍ୱିତୀୟ ରାମସର ସ୍ଥାନ ଯାହାକି ଆନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ ସର୍ବଭାରତୀୟ ସ୍ତରରେ ଅଲିଭ୍ ରିଡଲେ ସମୁଦ୍ର କଇଁଛମାନଙ୍କର ସାମୂହିକ ବସା ବାନ୍ଧିବା ପାଇଁ ବିଖ୍ୟାତ । ବନ୍ୟପ୍ରାଣୀ(ସଂରକ୍ଷଣ) ଅଧିନିୟମ, 1972 ରେ ତାଲିକାଭୁକ୍ତ ଏବଂ ପ୍ରକୃତିର ସଂରକ୍ଷଣ ନିମିତ୍ତ ଆନ୍ତର୍ଜାତୀୟ ୟୁନିଅନର (ଆଇୟୁସିଏନ) ରେଡ୍ ଡାଟା ପୁସ୍ତକରେ ତାଲିକାଭୁକ୍ତ ବିଲୁପ୍ତପ୍ରାୟ ପ୍ରଜାତିର ଉଦ୍ଭିଦ ଏବଂ ଜୀବଜନ୍ତୁ ଏହି ସଂରକ୍ଷିତ ଅଞ୍ଚଳରେ ଉପଲବ୍ଧ;

ଏବଂ ଯେହେତୁ, ଏହି ଅଞ୍ଚଳରେ ଉପସ୍ଥିତ ଥିବା ବିରଳ, ବିଲୁପ୍ତ ତଥା ବିପଦପୂର୍ଣ୍ଣ ଜୀବଜନ୍ତୁ ପ୍ରଜାତିଗୁଡିକ ହେଉଛି ଫ୍ୟାନ୍ ଥ୍ରୋଟେଡ ଲିଜାର୍ଡ (ସିଟାନା ପଣ୍ଡିସେରିଆନା), ସ୍କିଙ୍କ୍ (ଚମ୍ପେଇ ନେଉଳ) (ରିଓପା ପଙ୍କଟେଟ୍), ଗ୍ରେଟ କରମୋରାଣ୍ଟ (ଫାଲାକୋକୋରାକ୍ସ କାର୍ବୋ), ଲିଟିଲ ଗ୍ରେବ (ଟାଚିବ୍ୟାପଟସ୍ ରୁଫିକୋଲିସ୍), ବ୍ରାହ୍ମଣୀ କାଇଟ୍ (ହାଲିଆଷ୍ଟୁର ଇଣ୍ଡସ୍) , ସ୍ମଲ ପ୍ରାଟିନକୋଲ୍ (ଗ୍ଲେରେଓଲା ଲାକ୍ଟିଆଲ୍), ଇଣ୍ଡିଆନ୍ ସ୍କିମର୍ (ରିନ୍ଚପ୍ସ ଆଲବିକୋଲିସ୍), ବଉଳା କୁମ୍ଭୀର (କ୍ରୋକୋଡାଇଲସ୍ ପୋରୋସସ୍), ଅଲିଭ୍ ରିଡଲେ କଇଁଛ (ଲେପିଡୋଚେଲିସ୍ ଅଲିଭାସିଆ), ପାଣି ଗୋଧି (ଭାରାନସ ସାଲଭେଟର), ଅଜଗର (ପାଇଥନ୍ ମଲୁରସ୍), ବାଟାଗୁର କଇଁଛ (ବାଟାଗୁର ବାସ୍କ) ନବରଙ୍ଗୀ (ପିଟା ମେଗାରିନଚା);

ଏବଂ ଯେହେତୁ, ସଂରକ୍ଷିତ ଅଞ୍ଚଳରେ ଥିବା ସ୍ତନ୍ୟପାୟୀ ପ୍ରାଣୀଗୁଡିକ ହେଉଛନ୍ତି ଚିତ୍ରୀ ହରିଣ (ଆକ୍ସିସ୍ ଆକ୍ସିସ୍), ସମ୍ବର (ସର୍ଭସ୍ ୟୁନିକଲର୍), ଭାରତୀୟ ବଣୁଆ ଘୁଷୁରୀ (ସୁସ୍ ସ୍କ୍ରୋଫା), ଏସିଆଟିକ୍ ଜ୍ୟାକଲ୍ (କାନିସ୍ ଆରେକସ୍), ଫିସିଂ କ୍ୟାଟ୍ (ଫେଲିସ୍ ଭିଭେରିନା), ଜଙ୍ଗଲ କ୍ୟାଟ୍ (ଫେଲିସ ଚାଉଅସ), ଲିଓପାର୍ଡ କ୍ୟାଟ୍ (ଫେଲିସ୍ ବେଙ୍ଗାଲାନସିସ୍), ହାଇନା (ହାଇନା ହାଇନା ) ସାଧାରଣ ନେଉଳ (କମନ ମଙ୍ଗୁଜ) (ହରପେଷ୍ଟେସ ଏଡୱାଡସୀ), ଓଟର (ଲୁଟ୍ରା ପର୍ସ୍ପିସିଲାଟା), ସ୍ମଲ ଇଣ୍ଡିଆନ ସିଭେଟ୍ (ଭିଭେରିକୁଲା ଇଣ୍ଡିକା), ଇଣ୍ଡିଆନ ପର୍କୁପାଇନ୍ (ହାଇଷ୍ଟ୍ରିକ୍ସ ଇଣ୍ଡିକା) ରେସୁସ୍ ମାକେକ୍ (ମାକାକା ମୁଲାଟା ମୁଲାଟା), ଗାଙ୍ଗେଟିକ୍ ଡଲଫିନ୍ (ପ୍ଲାଟାମିଷ୍ଟା ଗ୍ୟାଙ୍ଗେଟିକା), ହମ୍ପବ୍ୟାକ୍ ଡଲଫିନ୍ (ସୋସା ଚିନ୍ନସିସ୍), ଇରାୱାଡି ଡଲଫିନ୍ (ଓରକେଲା ବ୍ରେଭାଇରୋଷ୍ଟ୍ରିସ୍) ଏବଂ ଭାରତୀୟ ମୋଲ୍ ରାଟ୍ (ବ୍ୟାଣ୍ଡିକୋଟା ବେଙ୍ଗାଲେନସିସ୍) ଇତ୍ୟାଦି;

ଏବଂ ଯେହେତୁ, ଏହି ଅଞ୍ଚଳରେ ଥିବା ବିରଳ, ବିଲୁପ୍ତ ତଥା ସଙ୍କଟାପନ୍ନ ପୁଷ୍ପ ପ୍ରଜାତିଗୁଡିକ ହେଉଛି ପାନିଅମ୍ବା (ସେରବେରା ଓଡୋଲାମ), ଓନ୍ରା (ଆଗ୍ଲାଇୟା କୁକୁଲାଟା), ମାସିଆ (ଇଣ୍ଡସିଆ ବିକୁଗା), ହରକଞ୍ଚା (ଆକାନଥସ୍ ଇଲିସିଫୋଲିୟସ୍), ବନରୁଆ (ଏଜିୟାଲାଇଟିସ୍ ରୋଟୁଣ୍ଡିଫୋଲିଆ), ଖାର୍ସି (ଏଜିସେରସ କର୍ଣ୍ଣିକୁଲାଟମ୍), ବଡ ବାନି (ଆଭିସେନିଆ ଅଫିସିନାଲିସ୍), ଲତି ସୁନ୍ଦରୀ ( ବ୍ରାଉନଲୋଇଆ ତେରସା), କାଳିଆଚୁଆ ( ବ୍ରୁଗୁଇରା ସିଲିଣ୍ଡ୍ରିକା) ଗରନି (ସେରିଓପ୍ସ ଡେକାଣ୍ଡ୍ରା), କଳା କାଡିରାନାଇ (ଡେରିସ ଟ୍ରିଫୋଲିଆଟା), ସୁନ୍ଦରୀ (ହେରିଟିଆରା ଫୋମ୍ସ), ସିଣ୍ଡୁକା ( କଣ୍ଡେଲିଆ କ୍ୟାଣ୍ଡେଲ୍) , ଚୁରୁଣ୍ଡା (ଲୁମନିଟଜେରା ରେସମୋସା) , ନାଲିଆ ଘସା (ମିରିଓଷ୍ଟାଚିଆ ୱାଇଟିଆନା), ରାଇ (ରିଜୋଫୋରା ଆପିକୁଲାଟା), ହେନ୍ତାଳ (ଫିନିକ୍ସ ପାଲୁଡୋସା), ଗୋଡା ବାନି (ସେସୁଭିୟମ୍ ପୋର୍ଟୁଲାକାଷ୍ଟ୍ରମ୍), ଓରୁଆ (ସୋନେରାଟିଆ ଆଲବା), କେରୁଆନ୍ (ସୋନେରାଟିଆ ଆପେଟେଲା), ଓରୁଆ (ସୋନେରାଟିଆ କ୍ୟାସିଓଲାରିସ୍), ଗିରିଆ ( ସୁଏଡା ମାରିଟାଇମ୍), ଗିରିଆ (ସୁଏଡା ନୁଡିଫ୍ଲୋରା), ଜାଗୁଳ (ଟାମାରିକ୍ସ ଟ୍ରୌପି) , ପିତାମାରି (ଜାଇଲୋକାରପସ ମେକନଜେନସିସ) ଧଳା ବାନି (ଆଭିସେନିଆ ଆଲବା) , ବାନ୍ଦରୀ (ବ୍ରୁଗୁଇରା ଜାଇମ୍ନୋର୍ହିଜା), ଡଟ୍ (ବ୍ରୁଗୁଇରା ପର୍ଭିଫ୍ଲୋରା), ଖାସାଇ ଲତା (ଫିନଲେସୋନିଆ ଆବୋଭାଟା), ବତୁଳା (ସାଲିକର୍ନିଆ ବ୍ରାକିଆଟା);

ଏବଂ ଯେହେତୁ, ଭିତରକନିକା ଆର୍ଦ୍ରଭୂମି ଅଞ୍ଚଳରେ ହେନ୍ତାଳଗଛର ଜୈବ ବିବିଧତା ଉଚ୍ଚତମ ଜୈବ ବିବିଧତା ମଧ୍ୟରେ ଅନ୍ୟତମ ଅଟେ, ଯେଉଁଥିରେ ୫୪ ପ୍ରଜାତିର ହେନ୍ତାଳଗଛ ଏବଂ ସେଗୁଡିକର ସହଯୋଗୀଙ୍କୁ ଚିହ୍ନଟ କରି ବର୍ଗୀକରଣ କରାଯାଇଛି । ଭିତରକନିକା ର ଏହି ଅଞ୍ଚଳରେ ଏକ ସ୍ଥାନୀୟ ପ୍ରଜାତି କନିକା ସୁନ୍ଦରି (ହେରିଟାଇରା କନିକେନସିସ) ଦେଖିବାକୁ ମିଳେ ;

ଏବଂ ଯେହେତୁ, ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ବ୍ୟାପ୍ତି ଓ ସୀମାକୁ ସଂରକ୍ଷଣ ଏବଂ ସୁରକ୍ଷା କରିବା ଆବଶ୍ୟକ, ଯାହା ପର୍ଯ୍ୟାବରଣ, ପରିବେଶ ଏବଂ ଜୈବ ବିବିଧତା ଦୃଷ୍ଟିକୋଣରୁ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଅନୁଚ୍ଛେଦ 1 ରେ ଉଲ୍ଲେଖ କରାଯାଇଛି ଏବଂ ଉକ୍ତ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଶିଳ୍ପ କିମ୍ବା କୌଣସି ବର୍ଗର ଶିଳ୍ପ ଏବଂ ସେଗୁଡିକର କାର୍ଯ୍ୟ ସମ୍ପାଦନ ଏବଂ ପ୍ରକ୍ରିୟାକୁ ନିଷେଧ କରିବା ଆବଶ୍ୟକ;

ବର୍ତ୍ତମାନ, ସେଥିପାଇଁ ମନ୍ତ୍ରଣାଳୟର ଚିଠା ଅଧିସୂଚନା ସଂଖ୍ୟା ଏସ୍.ଓ. ୫21 (ଇ), ତାରିଖ 23 ଫେବୃଆରୀ, 2022 ଏବଂ ଅନ୍ତିମ ଅଧିସୂଚନା ସଂଖ୍ୟା ଏସ୍.ଓ. 1601 (ଇ), ତାରିଖ 16 ଜୁନ୍ 2015 କୁ ବାତିଲ କରି , ଅଧିସୂଚନାର ନିମ୍ନଲିଖିତ ଚିଠା ,,କେନ୍ଦ୍ର ସରକାର, ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ର ନିୟମ 5 ର ଉପନିୟମ ସହିତ ପଠିତ ପରିବେଶ (ସଂରକ୍ଷଣ) ଅଧିନିୟମ, 1986 (1986 ର 29) (ପରବର୍ତ୍ତୀ ସମୟରେ ଏହି ଅଧିସୂଚନାରେ ପରିବେଶ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି), ର ଧାରା 3 ଉପ-ଧାରା (2) ର ଖଣ୍ଡ (v) ଏବଂ ଖଣ୍ଡ (xiv) ତଥା ଉପ-ଧାରା (୩) ସହିତ ପଠିତ ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, ଓଡ଼ିଶା ରାଜ୍ୟର ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମା ପାଖାପାଖି 0.10 କିଲୋମିଟରରୁ ୫.7 କିଲୋମିଟର ପର୍ଯ୍ୟନ୍ତ ଏକ କ୍ଷେତ୍ରକୁ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ (ଯାହା ପରବର୍ତ୍ତୀ ସମୟରେ ଏହି ଅଧିସୂଚନାରେ ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ଭାବରେ ଉଲ୍ଲେଖ କରାଯାଇଛି) ଭାବରେ ଅଧିସୂଚିତ କରେ, ଯାହାର ବିବରଣୀ ନିମ୍ନରେ ଉଲ୍ଲେଖ ହୋଇଛି, ଯଥା:

**୧. ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର (ଇକୋ ସେନ୍ସିଟିଭ ଜୋନ୍) ବିସ୍ତାର ଏବଂ ସୀମା**

(୧) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ 497.67 ବର୍ଗ କିଲୋମିଟର ହେବ ଏବଂ ଏହା ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମା ମଧ୍ୟରେ 0.10 କିଲୋମିଟରରୁ ୫.7 କିଲୋମିଟର ପର୍ଯ୍ୟନ୍ତ ବିସ୍ତୃତ ହେବ ।

(୨) ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହିରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ସୀମାର ବିବରଣୀ ପରିଶିଷ୍ଟ 1 ରେ ଉଲ୍ଲେଖ ହୋଇଛି ।

(୩) ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ସହିତ ସୀମାର ସବିଶେଷ ବିବରଣୀ ଏବଂ ଅକ୍ଷାଂଶ ଓ ଦ୍ରାଘିମାର ମାନଚିତ୍ର ପରିଶିଷ୍ଟ – 2 କ, ପରିଶିଷ୍ଟ -2 ଖ ଓ ପରିଶିଷ୍ଟ -2 ଗରେ ଉଲ୍ଲେଖ ହୋଇଛି ।

(୪) ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଗହୀରମଥା (ସାମୁଦ୍ରିକ) ବନ୍ୟପ୍ରାଣୀ ଅଭୟାରଣ୍ୟର ସୀମାର ଭୂ ସ୍ଥାନାଙ୍କର (ଜିଓ କୋ-ଅର୍ଡିନେଟ)ର ତାଲିକା ପରିଶିଷ୍ଟ – 3 ର ସାରଣୀ କ ଓ ସାରଣୀ ଖରେ ଦିଆଯାଇଛି ।

(୫) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଆସୁଥିବା ଗ୍ରାମଗୁଡିକର ତାଲିକା ସହିତ ସେମାନଙ୍କର ପ୍ରମୁଖ ସ୍ଥାନଗୁଡିକରେ ଭୂ ସ୍ଥାନାଙ୍କ ପରିଶିଷ୍ଟ -4ରେ ଉଲ୍ଲେଖ ହୋଇଛି ।

**୨. ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ (ଇକୋ-ସେନ୍ସିଟିଭ ଜୋନ୍) ପାଇଁ ଆଞ୍ଚଳିକ ପ୍ରମୁଖ ଯୋଜନା (ଜୋନାଲ ମାଷ୍ଟର ପ୍ଲାନ୍)**

(୧) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ଫଳପ୍ରଦ ପରିଚାଳନା ଉଦ୍ଦେଶ୍ୟରେ ସରକାରୀ ରାଜପତ୍ର (ଗେଜେଟ)ରେ ଏହି ଅଧିସୂଚନା ପ୍ରକାଶ ପାଇବା ଦିନଠାରୁ ଦୁଇ ବର୍ଷ ମଧ୍ୟରେ ସ୍ଥାନୀୟ ଲୋକଙ୍କ ସହିତ ପରାମର୍ଶ କରି ରାଜ୍ୟ ସରକାର ଏକ ଜୋନାଲ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବେ ଏବଂ ରାଜ୍ୟ ସରକାରଙ୍କ ଦକ୍ଷ ଅଧିକାରୀଙ୍କ ଅନୁମୋଦନ ପାଇଁ ଏହି ଅଧିସୂଚନାରେ ପ୍ରଦତ୍ତ ସର୍ତ୍ତାବଳୀକୁ ପାଳନ କରିବେ।

(୨) ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ନିମିତ୍ତ ଜୋନାଲ ମାଷ୍ଟର ପ୍ଲାନ ଏହି ଅଧିସୂଚନାରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଏବଂ ପ୍ରାସଙ୍ଗିକ କେନ୍ଦ୍ର ଓ ରାଜ୍ୟ ନିୟମାବଳୀ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଯଦି କିଛି ନିର୍ଦ୍ଦେଶାବଳୀ ଜାରି କରାଯାଇଥିବ ତାହାକୁ ପରାମର୍ଶ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ।

(୩) ଉକ୍ତ ଯୋଜନାରେ ପର୍ଯ୍ୟାବରଣ ଏବଂ ପରିବେଶ ସମ୍ପର୍କୀୟ ବିଚାରକୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ନିମ୍ନଲିଖିତ ବିଭାଗଗୁଡ଼ିକ ସହିତ ପରାମର୍ଶ କରି ଜୋନାଲ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେବ: -

(କ) ପରିବେଶ;
(ଖ) ଜଙ୍ଗଲ ଏବଂ ବନ୍ୟପ୍ରାଣୀ;
(ଗ) କୃଷି;
(ଘ) ରାଜସ୍ୱ;
(ଙ) ସହରୀ ବିକାଶ;
(ଚ) ପର୍ଯ୍ୟଟନ;
(ଛ) ଗ୍ରାମୀଣ ବିକାଶ;
(ଜ) ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ;
(ଝ) ମ୍ୟୁନିସିପାଲିଟି;
(ଞ) ପଞ୍ଚାୟତି ରାଜ; ଏବଂ
(ଟ) ସାଧାରଣ ନିର୍ମାଣ ବିଭାଗ

(୪) ଯେ ପର୍ଯ୍ୟନ୍ତ ଏହି ଅଧିସୂଚନାରେ ଉଲ୍ଲେଖ କରାଯାଇ ନାହିଁ , ଅନୁମୋଦିତ ବିଦ୍ୟମାନ ଜମି ବ୍ୟବହାର, ଭିତ୍ତିଭୂମି ଏବଂ କାର୍ଯ୍ୟକଳାପ ଉପରେ ଜୋନାଲ ମାଷ୍ଟର ପ୍ଲାନ କୌଣସି ପ୍ରତିବନ୍ଧକ ଲଗାଇବ ନାହିଁ, ଏବଂ ଜୋନାଲ ମାଷ୍ଟର ପ୍ଲାନ ସମସ୍ତ ଭିତ୍ତିଭୂମିର ଉନ୍ନତି ତଥା କାର୍ଯ୍ୟକଳାପରେ ସୁଧାର ଆଣି ଅଧିକ ପ୍ରଭାବଶାଳୀ ଏବଂ ପରିବେଶ ଅନୁକୂଳ କରିବା ନିମିତ୍ତ ବ୍ୟବସ୍ଥା କରିବ ।

(୫) ଜୋନାଲ ମାଷ୍ଟର ପ୍ଲାନ୍‌ରେ ଅବ୍ୟବହୃତ ଅଞ୍ଚଳର ପୁନରୁଦ୍ଧାର, ବିଦ୍ୟମାନ ଜଳ ସଂସ୍ଥାର ସଂରକ୍ଷଣ, ଅବବାହ କ୍ଷେତ୍ରର ପରିଚାଳନା, ଜଳବିଭାଜିକା/ଅବବାହିକା ପରିଚାଳନା, ଭୂତଳ ଜଳ ପରିଚାଳନା, ମୃତ୍ତିକା ଏବଂ ଆର୍ଦ୍ରତା ସଂରକ୍ଷଣ, ସ୍ଥାନୀୟ ଜନସାଧାରଣଙ୍କର ଆବଶ୍ୟକତା ଏବଂ ପର୍ଯ୍ୟାବରଣ ଏବଂ ପରିବେଶର ଅନ୍ୟାନ୍ୟ ଦିଗ ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ ।

(୬) ଜୋନାଲ ମାଷ୍ଟର ପ୍ଲାନ୍ ସମସ୍ତ ବିଦ୍ୟମାନ ପୂଜାପାଠ ସ୍ଥାନ , ଗ୍ରାମ ଏବଂ ସହରାଞ୍ଚଳର ବସ୍ତି , ଜଙ୍ଗଲର ପ୍ରକାର ଏବଂ କିସମ, କୃଷି କ୍ଷେତ୍ର, ପାର୍କ ଏବଂ ସେହି ଜାତୀୟ ସବୁଜିମା କ୍ଷେତ୍ର , ଉଦ୍ୟାନ କୃଷି କ୍ଷେତ୍ର, ବଗିଚା, ହ୍ରଦ ଏବଂ ଅନ୍ୟାନ୍ୟ ଜଳାଶୟକୁ ବିଦ୍ୟମାନ ତଥା ପ୍ରସ୍ତାବିତ ଜମି ବ୍ୟବହାର ବିବରଣୀଗୁଡିକର ସବିଶେଷ ତଥ୍ୟ ପ୍ରଦାନ କରୁଥିବା ମାନଚିତ୍ରଗୁଡିକ ସହିତ ଚିହ୍ନିତ କରିବ ।

(୭) ଜୋନାଲ ମାଷ୍ଟର ପ୍ଲାନ ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳର ବିକାଶକୁ ନିୟନ୍ତ୍ରିତ କରିବ ଏବଂ ସାରଣୀରେ ଥିବା ଅନୁଚ୍ଛେଦ ୪ ରେ ତାଲିକାଭୁକ୍ତ ନିଷିଦ୍ଧ ଓ ନିୟନ୍ତ୍ରିତ କାର୍ଯ୍ୟକଳାପକୁ ପାଳନ କରିବ ଏବଂ ସ୍ଥାନୀୟ ଜନସାଧାରଣଙ୍କର ଜୀବିକାକୁ ସୁରକ୍ଷା କରିବା ପାଇଁ ପରିବେଶ ଅନୁକୂଳ ବିକାଶକୁ ନିଶ୍ଚିତ ଓ ପ୍ରୋତ୍ସାହିତ କରିବ ।

(୮) ଜୋନାଲ ମାଷ୍ଟର ପ୍ଲାନ କ୍ଷେତ୍ରୀୟ ବିକାଶ ଯୋଜନା ସହିତ ସହ-କାଳୀନ (ସହ-ଟର୍ମିନାସ) ହେବ ।

(୯) ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଜୋନାଲ ମାଷ୍ଟର ପ୍ଲାନ ଏହି ଅଧିସୂଚନାର ନିୟମାବଳୀ ଅନୁଯାୟୀ ତଦାରଖ କାର୍ଯ୍ୟ କରିବା ପାଇଁ ତଦାରଖ କମିଟି ପାଇଁ ସହାୟକ ଦଲିଲ (ରେଫରେନ୍ସ ଡକ୍ୟୁମେଣ୍ଟ) ହେବ ।

(୧୦) ଜୋନାଲ ମାଷ୍ଟର ପ୍ଲାନର ପ୍ରସ୍ତୁତି ଏବଂ ଅନୁମୋଦନ ପର୍ଯ୍ୟନ୍ତ, ଯେକୌଣସି ନୂତନ ବିକାଶମୂଳକ କାର୍ଯ୍ୟକଳାପ ଅନୁଚ୍ଛେଦ ରେ ଉପ-ଅନୁଚ୍ଛେଦ (1) ଏବଂ (2) ରେ ଉଲ୍ଲେଖିତ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେବ ।

**୩. ରାଜ୍ୟ ସରକାର ଗ୍ରହଣ କରିବାକୁ ଥିବା ପଦକ୍ଷେପ-** ଏହି ଅଧିସୂଚନାର ନିୟମାବଳୀକୁ ପ୍ରଭାବଶାଳୀ କରିବା ପାଇଁ ରାଜ୍ୟ ସରକାର ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ, ଯଥା: -

**(୧) ଭୂ ଉପଯୋଗ-** ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳରେ ଜଙ୍ଗଲ, ଉଦ୍ୟାନ, କୃଷି କ୍ଷେତ୍ର, ମନୋରଞ୍ଜନ ନିମିତ୍ତ ଚିହ୍ନିତ ପାର୍କ ଏବଂ ଖୋଲା ସ୍ଥାନ କୁ ବ୍ୟବସାୟିକ, ଆବାସିକ କିମ୍ବା ଶିଳ୍ପ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ପରିବର୍ତ୍ତନ କରାଯାଇପାରିବ ନାହିଁ ।

ପରନ୍ତୁ, ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ କୃଷି ଏବଂ ଅନ୍ୟାନ୍ୟ ଜମିର ରୂପାନ୍ତର ନିମିତ୍ତ ମନିଟରିଂ କମିଟିର ସୁପାରିଶ କ୍ରମେ ଅନୁମତି ଦିଆଯାଇପାରେ ଏବଂ ନିମ୍ନୋକ୍ତ କାର୍ଯ୍ୟକଳାପ ନିମିତ୍ତ ସ୍ଥାନୀୟ ବାସିନ୍ଦାମାନଙ୍କର ଆବାସିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅଧିସୂଚନାର ବ୍ୟବସ୍ଥା ଅନୁସାରେ ଯେପରି ପ୍ରଯୁଜ୍ୟ ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ ସହିତ ଅନୁମତି ଦିଆଯାଇପାରେ ।

(କ) ବିଦ୍ୟମାନ ସଡ଼କଗୁଡିକର ସମ୍ପ୍ରସାରଣ ଏବଂ ସୁଦୃଢ କରିବା ଏବଂ ନୂତନ ସଡ଼କ ନିର୍ମାଣ କରିବା;
(ଖ) ଭିତ୍ତିଭୂମି ଏବଂ ନାଗରିକ ସୁବିଧାଗୁଡ଼ିକର ନିର୍ମାଣ ଏବଂ ନବୀକରଣ;
(ଗ) ପ୍ରଦୂଷଣ ସୃଷ୍ଟି କରୁ ନଥିବା କ୍ଷୁଦ୍ରଶିଳ୍ପଗୁଡିକ ;
(ଘ) ଗ୍ରାମ୍ୟ ଶିଳ୍ପ ସମେତ କୁଟୀର ଶିଳ୍ପ; ପର୍ଯ୍ୟାବରଣ-ପର୍ଯ୍ୟଟନକୁ ସହାୟତା କରୁଥିବା ଦୋକାନ ଏବଂ ରହିବା ଘର ସହିତ ସ୍ଥାନୀୟ ସୁବିଧା ଉପଲବ୍ଧ କରିବା; ଏବଂ
(ଙ) ଅନୁଚ୍ଛେଦ 4 ରେ ପ୍ରଦତ୍ତ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା:

ଅଧିକନ୍ତୁ , କ୍ଷେତ୍ରୀୟ ସହରୀକରଣ ଯୋଜନା (ଟାଉନ୍ ପ୍ଲାନିଂ) ଅଧିନିୟମ (ଆକ୍ଟ) ତଥା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ନିୟମାବଳୀ ଅନୁଯାୟୀ ଦକ୍ଷ ଅଧିକାରୀଙ୍କର ପୂର୍ବ ଅନୁମୋଦନ ବିନା ଏବଂ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ନିବାସୀ (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, 2006 (2007 ର 2) ସହିତ ସମ୍ବିଧାନ କିମ୍ବା ଆଇନ ବଳବତ୍ତର ରହିଥିବା ସମ୍ବିଧାନର ଧାରା 244 ଆଇନର ନିୟମ ପାଳନ ନକରି ବାଣିଜ୍ୟିକ ତଥା ଶିଳ୍ପ ବିକାଶ କାର୍ଯ୍ୟକଳାପ ପାଇଁ ଆଦିବାସୀ ଜମିର ବ୍ୟବହାର ଅନୁମତି ଦିଆଯିବ ନାହିଁ।

ପୁନଶ୍ଚ, ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଥିବା ଜମି ରେକର୍ଡରେ ଯେକୌଣସି ତ୍ରୁଟି ଦେଖା ଦେଲେ, ତଦାରଖ କମିଟିର ମତାମତ ପାଇବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ମାମଲାରେ ଥରେ ସଂଶୋଧନ କରାଯିବ, ଏବଂ ଏହି ତ୍ରୁଟିର ସଂଶୋଧନ କେନ୍ଦ୍ର ସରକାରଙ୍କର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଅବଗତ କରାଯିବ:

ପୁନଶ୍ଚ, ଉପର୍ଯ୍ୟୁକ୍ତ ତ୍ରୁଟି ସଂଶୋଧନ ଏହି ଉପ-ଅନୁଚ୍ଛେଦ ଅନୁଯାୟୀ ପ୍ରଦାନ କରାଯାଇଥିବା ନିୟମ ବ୍ୟତୀତ କୌଣସି କ୍ଷେତ୍ରରେ ଜମିର ବ୍ୟବହାର ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରିବ ନାହିଁ;

ପୁନଶ୍ଚ, ଜଙ୍ଗଲ କ୍ଷେତ୍ର ଏବଂ କୃଷି କ୍ଷେତ୍ର ପରି ସବୁଜିମା ଅଞ୍ଚଳର ପରିମାଣ ହ୍ରାସ ହେବ ନାହିଁ ଏବଂ ଅବ୍ୟବହୃତ କିମ୍ବା ଅଣ-ଉତ୍ପାଦିତ କୃଷି କ୍ଷେତ୍ରକୁ ପୁନଃ ବନୀକରଣ କରିବାକୁ ଉଦ୍ୟମ କରାଯିବ ।

**(୨) ପ୍ରାକୃତିକ ଜଳାଶୟ -** ସମସ୍ତ ପ୍ରାକୃତିକ ଝରଣାଗୁଡ଼ିକର ଅବବାହ କ୍ଷେତ୍ରଗୁଡିକ ଚିହ୍ନଟ କରାଯିବ ଏବଂ ସେମାନଙ୍କର ସଂରକ୍ଷଣ ଏବଂ ନବୀକରଣ ପାଇଁ ଯୋଜନାଗୁଡିକ ଜୋନାଲ ମାଷ୍ଟର ପ୍ଲାନରେ ଅନ୍ତର୍ଭୂକ୍ତ କରାଯିବ ଏବଂ ଏହି ଅଞ୍ଚଳରେ କିମ୍ବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କ୍ଷତିକାରକ ସାବ୍ୟସ୍ତ ହେଉଥିବା ବିକାଶ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯିବା ନିମିତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶନାମା ପ୍ରସ୍ତୁତ ହେବ ।

**(୩) ପର୍ଯ୍ୟଟନ କିମ୍ବା ପର୍ଯ୍ୟାବରଣ ପର୍ଯ୍ୟଟନ (ଇକୋ-ଟୁରିଜମ୍)**

(କ) ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ନୂତନ ପର୍ଯ୍ୟାବରଣ ପର୍ଯ୍ୟଟନ କାର୍ଯ୍ୟକଳାପ କିମ୍ବା ପର୍ଯ୍ୟଟନ କାର୍ଯ୍ୟକଳାପର ସମ୍ପ୍ରସାରଣ ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ପାଇଁ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଅନୁଯାୟୀ ହେବ;

(ଖ) ରାଜ୍ୟ ପରିବେଶ ଏବଂ ଜଙ୍ଗଲ ବିଭାଗ ସହିତ ପରାମର୍ଶ କରି ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ;

(ଗ) ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଜୋନାଲ ମାଷ୍ଟର ପ୍ଲାନର ଏକ ଅଂଶ ହେବ;

(ଘ) ପର୍ଯ୍ୟାବରଣ -ସମ୍ବେଦନଶୀଳ ଜୋନ୍‌ର ବହନ କରିବାର କ୍ଷମତା ଉପରେ ଆଧାର କରି ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ;

(ଙ) ପର୍ଯ୍ୟାବରଣ ପର୍ଯ୍ୟଟନର କାର୍ଯ୍ୟକଳାପ ନିମ୍ନୋକ୍ତ ଅଧୀନରେ ନିୟନ୍ତ୍ରିତ ହେବ, ଯଥା: -

(୧) ସଂରକ୍ଷିତ ଅଞ୍ଚଳର ସୀମାଠାରୁ ଏକ କିଲୋମିଟର ମଧ୍ୟରେ କିମ୍ବା ପର୍ଯ୍ୟାବରଣ -ସମ୍ବେଦନଶୀଳ ଅଞ୍ଚଳ ସୀମା ପର୍ଯ୍ୟନ୍ତ, ଏହା ମଧ୍ୟରୁ ଯାହା ନିକଟତର, ସେ ପର୍ଯ୍ୟନ୍ତ ହୋଟେଲ ଏବଂ ରିସୋର୍ଟଗୁଡିକର ନୂତନ ନିର୍ମାଣକୁ ଅନୁମତି ଦିଆଯିବ ନାହିଁ; ପରନ୍ତୁ ଇକୋ-ଟୁରିଜମ୍ ସୁବିଧା ପାଇଁ ସଂରକ୍ଷିତ ଅଞ୍ଚଳର ସୀମାଠାରୁ ଏକ କିଲୋମିଟରର ଦୂରତ୍ୱରୁ ଇକୋ-ସମ୍ବେଦନଶୀଳ ଜୋନ ସୀମା ପର୍ଯ୍ୟନ୍ତ, ପୂର୍ବ ନିର୍ଦ୍ଧାରିତ ଏବଂ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପର୍ଯ୍ୟଟନ ମାଷ୍ଟର ପ୍ଲାନ୍ ଅନୁଯାୟୀ ନୂତନ ହୋଟେଲ ଏବଂ ରିସୋର୍ଟ ପ୍ରତିଷ୍ଠା ପାଇଁ କେବଳ ଅନୁମତି ପ୍ରଦାନ କରାଯିବ;

(୨) ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ସମସ୍ତ ନୂତନ ପର୍ଯ୍ୟଟନ କାର୍ଯ୍ୟକଳାପ କିମ୍ବା ବିଦ୍ୟମାନ ପର୍ଯ୍ୟଟନ କାର୍ଯ୍ୟକଳାପର ସମ୍ପ୍ରସାରଣ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଏବଂ ପର୍ଯ୍ୟାବରଣ ପର୍ଯ୍ୟଟନ, ପର୍ଯ୍ୟାବରଣ ଶିକ୍ଷା ଏବଂ ପର୍ଯ୍ୟାବରଣ ବିକାଶ ଉପରେ ଗୁରୁତ୍ୱ ଦେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଧିକାରୀ ଦ୍ୱାରା ଜାରି କରାଯାଇଥିବା ଇକୋ-ଟୁରିଜମ୍ ନିର୍ଦ୍ଦେଶାବଳୀ (ସମୟ ସମୟରେ ସଂଶୋଧିତ) ଅନୁଯାୟୀ ହେବ;

(୩) ଜୋନାଲ ମାଷ୍ଟର ପ୍ଲାନ ଅନୁମୋଦନ ହେବା ପର୍ଯ୍ୟନ୍ତ, ପର୍ଯ୍ୟଟନ ପାଇଁ ବିକାଶ ଏବଂ ବିଦ୍ୟମାନ ପର୍ଯ୍ୟଟନ କାର୍ଯ୍ୟକଳାପର ସମ୍ପ୍ରସାରଣ ସଂପୃକ୍ତ ନିୟାମକ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାସ୍ତବିକ ସ୍ଥଳବିଶିଷ୍ଟ ସମୀକ୍ଷା ଏବଂ ତଦାରଖ କମିଟିର ସୁପାରିଶ ଉପରେ ଆଧାର କରି ଅନୁମତି ପ୍ରଦାନ କରାଯିବ ଏବଂ ଇକୋ-ସମ୍ବେଦନଶୀଳ ଜୋନ୍ ଅଞ୍ଚଳରେ କୌଣସି ନୂତନ ହୋଟେଲ, ରିସର୍ଟ କିମ୍ବା ବାଣିଜ୍ୟିକ ପ୍ରତିଷ୍ଠାନ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ ନାହିଁ ।

**(୪) ପ୍ରାକୃତିକ ଐତିହ୍ୟ –** ଇକୋ ସମ୍ବେଦନଶୀଳ ଜୋନ୍‌ରେ ମୂଲ୍ୟବାନ ପ୍ରାକୃତିକ ଐତିହ୍ୟର ସମସ୍ତ ସ୍ଥାନ ଯେପରିକି ଜିନ୍ ପୁଲ୍ ରିଜର୍ଭ ଅଞ୍ଚଳ, ଶିଳା ସଂରଚନା , ଜଳପ୍ରପାତ, ଝରଣା, ଘାଟ, ଉପବନ, ଗୁମ୍ଫା, ସ୍ଥଳ, ବନପଥ, ଆରୋହଣ ମାର୍ଗ, ଶିଖର ଇତ୍ୟାଦି ଚିହ୍ନଟ ହେବ ଏବଂ ସେଗୁଡିକର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଜୋନାଲ ମାଷ୍ଟର ପ୍ଲାନର ଏକ ଅଂଶ ଭାବରେ ଏକ ଐତିହ୍ୟ ସଂରକ୍ଷଣ ଯୋଜନା ପ୍ରସ୍ତୁତ କରାଯିବ ।

**(୫) ମନୁଷ୍ୟକୃତ ଐତିହ୍ୟ ସ୍ଥଳ-** କୋଠାଘର, ସଂରଚନା, କଳାକୃତି କ୍ଷେତ୍ର ତଥା ଐତିହାସିକ, ସ୍ଥାପତ୍ୟ ସମ୍ବନ୍ଧୀୟ, ସୌନ୍ଦର୍ଯ୍ୟାତ୍ମକ ଏବଂ ସାଂସ୍କୃତିକ ମହତ୍ତ୍ୱର କ୍ଷେତ୍ରଗୁଡିକ ଇକୋ ସମ୍ବେଦନଶୀଳ ଜୋନ୍ ରେ ଚିହ୍ନଟ ହେବ ଏବଂ ସେଗୁଡିକର ସଂରକ୍ଷଣ ପାଇଁ ଜୋନାଲ ମାଷ୍ଟର ପ୍ଲାନର ଅଂଶ ଭାବରେ ଐତିହ୍ୟ ସଂରକ୍ଷଣ ଯୋଜନା ପ୍ରସ୍ତୁତ ହେବ ।

**(୬) ଶବ୍ଦ ପ୍ରଦୂଷଣ -** ପରିବେଶ ଅଧିନିୟମ ଅଧୀନସ୍ଥ ଶବ୍ଦ ପ୍ରଦୂଷଣ (ନିୟମାବଳୀ ଏବଂ ନିୟନ୍ତ୍ରଣ) ନିୟମ, 2000 ର ନିୟମାବଳୀ ଅନୁଯାୟୀ ଇକୋ-ସମ୍ବେଦନଶୀଳ ଜୋନ୍ ରେ ଶବ୍ଦ ପ୍ରଦୂଷଣକୁ ରୋକାଯିବ ଏବଂ ନିୟନ୍ତ୍ରଣ କରାଯିବ ।

**(୭) ବାୟୁ ପ୍ରଦୂଷଣ -** ବାୟୁ (ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1981 (1981 ର 14) ଏବଂ ପରିବେଶ (ସୁରକ୍ଷା) ଅଧିନିୟମ, 1986 ଏବଂ ଏହି ଅଧିନିୟମ ଅଧିନରେ ତିଆରି ହୋଇଥିବା ନିୟମ ଅନୁଯାୟୀ ଇକୋ-ସମ୍ବେଦନଶୀଳ ଜୋନ୍ ରେ ବାୟୁ ପ୍ରଦୂଷଣକୁ ରୋକାଯିବ ଏବଂ ନିୟନ୍ତ୍ରଣ କରାଯିବ।

**(୮) ଦୂଷିତ ଜଳ ନିଷ୍କାସନ -** ଜଳ (ପ୍ରଦୂଷଣର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974 (1974 ର 6) ଏବଂ ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ଏବଂ ଏହି ଅଧିନିୟମ ଅଧିନରେ ତିଆରି ହୋଇଥିବା ନିୟମ ଅନୁଯାୟୀ ଇକୋ-ସମ୍ବେଦନଶୀଳ ଜୋନ୍ ରେ ବିଶୋଧିତ ଜଳର ନିଷ୍କାସନ କରାଯିବ।

**(୯) କଠିନ ବର୍ଜ୍ୟବସ୍ତୁ -** କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ନିମ୍ନୋକ୍ତ ଉପାୟରେ କରାଯିବ : -

(କ) ଇକୋ-ସମ୍ବେଦନଶୀଳ ଜୋନ୍‌ରେ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ପରିଚାଳନା ସମୟ ସମୟରେ ସଂଶୋଧିତ ହୋଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଯାହା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ସଂଖ୍ୟା ଏସ୍.ଓ 1357 (ଇ), ୫ ଏପ୍ରିଲ, 2016 ତାରିଖ ଦ୍ୱାରା ପ୍ରକାଶିତ ନିୟମ ଅନୁଯାୟୀ କରାଯିବ; ଇକୋ-ସମ୍ବେଦନଶୀଳ ଜୋନ୍ ବାହାରେ ଚିହ୍ନଟ ହୋଇଥିବା ସ୍ଥାନରେ ଅଜୈବିକ ପଦାର୍ଥ ଏକ ପରିବେଶ ଗ୍ରହଣୀୟ ପଦ୍ଧତିରେ ନିଷ୍କାସିତ କରାଯାଇପାରେ;

(ଖ) ସ୍ଥାନୀୟ କର୍ତ୍ତୃପକ୍ଷ କଠିନ ବର୍ଜ୍ୟବସ୍ତୁକୁ ଜୈବ ନିମ୍ନୀକରଣ ଯୋଗ୍ୟ ଏବଂ ଜୈବ ନିମ୍ନୀକରଣ ଅଯୋଗ୍ୟ ଉପାଦାନ ଭାବରେ ପୃଥକ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ;

(ଗ) ଜୈବ ନିମ୍ନୀକରଣ ଯୋଗ୍ୟ ସାମଗ୍ରୀକୁ ଖତ (କମ୍ପୋଷ୍ଟିଂ) କିମ୍ବା ଜିଆଖତ (ଭର୍ମିକଲଚର) ମାଧ୍ୟମରେ ପୁନଃ ବ୍ୟବହାର କରାଯିବ;

(ଘ) ଅଜୈବ ପଦାର୍ଥଗୁଡିକ ପରିବେଶ ଅନୁକୂଳ ପଦ୍ଧତିରେ ଇକୋ-ସମ୍ବେଦନଶୀଳ ଜୋନ୍ ବାହାରେ ଚିହ୍ନଟ ହୋଇଥିବା ସ୍ଥାନରେ ନିଷ୍କାସିତ ହେବ । ଇକୋ-ସମ୍ବେଦନଶୀଳ ଜୋନ୍ ରେ କଠିନ ବର୍ଜ୍ୟବସ୍ତୁକୁ ଜାଳିବା କିମ୍ବା ଦହନ କରିବା ନିମିତ୍ତ ଅନୁମତି ପ୍ରଦାନ କରାଯିବ ନାହିଁ ।

**(୧୦) ଜୈବ-ଚିକିତ୍ସାଳୟ ବର୍ଜ୍ୟବସ୍ତୁ -** ଇକୋ-ସମ୍ବେଦନଶୀଳ ଜୋନ୍‌ରେ ଜୈବ-ଚିକିତ୍ସାଳୟ ବର୍ଜ୍ୟବସ୍ତୁ ନିଷ୍କାସନ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଜି.ଏସ୍.ଆର୍. 343 (ଇ), 28 ମାର୍ଚ୍ଚ, 2016 ତାରିଖ ମାଧ୍ୟମରେ ଦ୍ୱାରା ପ୍ରକାଶିତ ହୋଇଥିବା ଜୈବ-ଚିକିତ୍ସାଳୟ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ ।

**(୧୧) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା-** ଇକୋ-ସମ୍ବେଦନଶୀଳ ଜୋନ୍ ରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଜି.ଏସ୍. ଆର୍. 340 (ଇ), 18 ମାର୍ଚ୍ଚ, 2016 ତାରିଖ ଦ୍ୱାରା ପ୍ରକାଶିତ ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ ।

**(୧୨) ନିର୍ମାଣ ଏବଂ ଭାଙ୍ଗିବା କାର୍ଯ୍ୟ ଜନିତ ବର୍ଜ୍ୟବସ୍ତୁ ପରିଚାଳନା –** ଇକୋ-ସମ୍ବେଦନଶୀଳ ଜୋନ୍ ରେ ନିର୍ମାଣ ଏବଂ ଭାଙ୍ଗିବା କାର୍ଯ୍ୟ ଜନିତ ବର୍ଜ୍ୟବସ୍ତୁ ପରିଚାଳନା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅଧିସୂଚନା ନମ୍ବର ଜି.ଏସ୍.ଆର୍. 317 (ଇ), 29 ମାର୍ଚ୍ଚ, 2016 ତାରିଖ ଦ୍ୱାରା ପ୍ରକାଶିତ ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ନିର୍ମାଣ ଏବଂ ଭାଙ୍ଗିବା କାର୍ଯ୍ୟ ଜନିତ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ ।

**(୧୩) ଇ-ବର୍ଜ୍ୟବସ୍ତୁ -** ଇକୋ-ସମ୍ବେଦନଶୀଳ ଜୋନ୍ ରେ ଇ-ବର୍ଜ୍ୟବସ୍ତୁ ପରିଚାଳନା, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଦ୍ୱାରା ପ୍ରକାଶିତ ଏବଂ ସମୟ ସମୟରେ ସଂଶୋଧିତ ହୋଇଥିବା ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ କରାଯିବ।

**(୧୪) ଯାନବାହନ ଯାତାୟାତ –** ଯାନବାହନ ଚଳାଚଳ ଏକ ପ୍ରାକୃତିକ ବାସସ୍ଥାନ ଅନୁକୂଳ ପଦ୍ଧତିରେ ନିୟନ୍ତ୍ରିତ ହେବ ଏବଂ ଏହା ସମ୍ପର୍କରେ ଜୋନାଲ ମାଷ୍ଟର ପ୍ଲାନରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ ଏବଂ ଜୋନାଲ ମାଷ୍ଟର ଯୋଜନା ପ୍ରସ୍ତୁତ ହେବା ଏବଂ ରାଜ୍ୟ ସରକାରଙ୍କ ଦକ୍ଷ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବା ପର୍ଯ୍ୟନ୍ତ, ତଦାରଖ କମିଟି ପ୍ରାସଙ୍ଗିକ ଅଧିନିୟମ ଏବଂ ଏହା ଅଧିନରେ କରାଯାଇଥିବା ନିୟମାବଳୀ ଅନୁଯାୟୀ ଯାନବାହନର ଗତିବିଧି ଉପରେ ନଜର ରଖିବ ।

**(୧୫) ଯାନବାହନ ପ୍ରଦୂଷଣ -** ଯାନବାହନ ପ୍ରଦୂଷଣକୁ ରୋକିବା ଏବଂ ନିୟନ୍ତ୍ରଣ ପ୍ରଯୁଜ୍ୟ ନିୟମ ଅନୁଯାୟୀ ହେବ ଏବଂ ସ୍ୱଚ୍ଛ ଇନ୍ଧନ ବ୍ୟବହାର ପାଇଁ ପ୍ରୟାସ କରାଯିବ ।

**(୧୬) ଶିଳ୍ପ ସଂସ୍ଥା (ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍)**

(କ) ସରକାରୀ ରାଜପତ୍ରରେ (ଅଫିସିଆଲ୍ ଗେଜେଟ) ଏହି ଅଧିସୂଚନା ପ୍ରକାଶ ପାଇବା ଦିନ କିମ୍ବା ପରେ, ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ କୌଣସି ନୂତନ ପ୍ରଦୂଷଣକାରୀ ଶିଳ୍ପକୁ ସ୍ଥାପନ କରିବାକୁ ଅନୁମତି ଦିଆଯିବ ନାହିଁ;

(ଖ) କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଫେବୃଆରୀ, 2016 ରେ ଜାରି ଏବଂ ସମୟ ସମୟରେ ସଂଶୋଧିତ କରାଯାଇଥିବା ନିର୍ଦ୍ଦେଶାବଳୀରେ ଶିଳ୍ପଗୁଡିକର ବର୍ଗୀକରଣ ଅନୁଯାୟୀ, ଯେ ପର୍ଯ୍ୟନ୍ତ ଏହି ଅଧିସୂଚନାରେ ଉଲ୍ଲେଖ କରାଯାଇ ନାହିଁ , କେବଳ ପ୍ରଦୂଷଣ ବିହୀନ ଶିଳ୍ପଗୁଡିକୁ ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ଅନୁମତି ଦିଆଯିବ, ଏବଂ ଏହା ସହିତ, ପ୍ରଦୂଷଣବିହୀନ କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରାଯିବ ।

**(୧୭) ପାହାଡ଼ ଢାଲୁର ସୁରକ୍ଷା -** ପାହାଡ ଢାଲୁର ସୁରକ୍ଷା ନିମ୍ନୋକ୍ତ ପ୍ରକାରେ ହେବ: -

(କ) ଜୋନାଲ ମାଷ୍ଟର ପ୍ଲାନ ପାହାଡ ଢାଲୁରେ ଥିବା ସ୍ଥାନଗୁଡ଼ିକୁ ସୂଚିତ କରିବ, ଯେଉଁଠାରେ କୌଣସି ନିର୍ମାଣ କରିବା ପାଇଁ ଅନୁମତି ଦିଆଯିବ ନାହିଁ;

(ଖ) ଯେଉଁ ଢାଲୁ କିମ୍ବା ବିଦ୍ୟମାନ ତୀଖ ପାହାଡ ଢାଲୁରେ ଅତ୍ୟଧିକ ଭୂସ୍ଖଳନ ହେଉଥିବ,ସେଠାରେ ନିର୍ମାଣ କରିବାକୁ ଅନୁମତି ଦିଆଯିବ ନାହିଁ ।

**୪. ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ନିଷେଧ କିମ୍ବା ନିୟନ୍ତ୍ରିତ କାର୍ଯ୍ୟକଳାପଗୁଡିକର ତାଲିକା** - ଇକୋ-ସମ୍ବେଦନଶୀଳ ଜୋନ୍‌ର ସମସ୍ତ କାର୍ଯ୍ୟକଳାପ ପରିବେଶ ଅଧିନିୟମ ଏବଂ ଏହା ଅଧିନରେ ସୃଷ୍ଟ ନିୟମ ଯଥା-ଉପକୂଳ ବିନିୟମ ଜୋନ (କୋଷ୍ଟାଲ୍ ରେଗୁଲେସନ୍ ଜୋନ୍), 2011 ଏବଂ ପରିବେଶ ପ୍ରଭାବ ଆକଳନ ଅଧିସୂଚନା, 2006 ଏବଂ ଅନ୍ୟାନ୍ୟ ନିୟମାବଳୀ ଯଥା-ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 (1980 ର 69) , ଭାରତୀୟ ଜଙ୍ଗଲ ଅଧିନିୟମ, 1927 (1927 ର 16), ବନ୍ୟଜନ୍ତୁ (ସଂରକ୍ଷଣ) ଅଧିନିୟମ 1972 (1972 ର 53) ଏବଂ ଏଥିରେ ହୋଇଥିବା ସଂଶୋଧନ ଅନୁସାରେ ଏବଂ ନିମ୍ନ ସାରଣୀରେ ଉଲ୍ଲେଖ ହୋଇଥିବା ନିର୍ଦ୍ଦିଷ୍ଟ ପଦ୍ଧତିରେ ନିୟନ୍ତ୍ରିତ ହେବ, ଯଥା: -

### ସାରଣୀ

| କ୍ର.ସଂ. | କାର୍ଯ୍ୟକଳାପ | ବର୍ଣ୍ଣନା |
|---|---|---|
| | | କ. ନିଷେଧ କାର୍ଯ୍ୟକଳାପ |
| ୧. | ବାଣିଜ୍ୟିକ ଖଣି ଖନନ, ପଥର ଖନନ ଏବଂ ଚୂର୍ଣ୍ଣ (କ୍ରସିଙ୍ଗ) ୟୁନିଟ୍ । | (କ) ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ ପ୍ରକୃତ ସ୍ଥାନୀୟ ବାସିନ୍ଦାଙ୍କ ଘରୋଇ ଆବଶ୍ୟକତା ପୂରଣ ଯଥା ଘର ନିର୍ମାଣ କିମ୍ବା ମରାମତି ପାଇଁ ମାଟି ଖୋଳିବା ବ୍ୟତୀତ ସମସ୍ତ ନୂତନ ଏବଂ ବିଦ୍ୟମାନ ଖଣି ଖନନ (ଗୌଣ ଏବଂ ପ୍ରମୁଖ ଖଣିଜ ପଦାର୍ଥ), ପଥର ଖନନ ଏବଂ ଚୂର୍ଣ୍ଣ (କ୍ରସିଙ୍ଗ) ୟୁନିଟ୍ ତୁରନ୍ତ ନିଷେଧ ହେବ; |
| | | (ଖ) ନିମ୍ନଲିଖିତ ମାମଲାରେ ମାନ୍ୟବର ସର୍ବୋଚ୍ଚ କୋର୍ଟଙ୍କ ପ୍ରଦତ୍ତ ନିର୍ଦ୍ଦେଶ ଅନୁଯାୟୀ ଖଣି ଖନନ କାର୍ଯ୍ୟ କରାଯିବ: (i) 1995 ର ଡବ୍ଲ୍ୟୁ.ପି. (ସି) ସଂଖ୍ୟା 202, 4 ଅଗଷ୍ଟ, 2006 ତାରିଖରେ ଟି.ଏନ୍. ଗୋଦାବର୍ମନ ଥିରୁମୁଲପାଦ ବନାମ ୟୁଓଆଇ ମାମଲାରେ ପ୍ରଦତ୍ତ ଆଦେଶ। (ii) 2012 ର ଡବ୍ଲ୍ୟୁ.ପି. (ସି) ସଂଖ୍ୟା 435, 21 ଏପ୍ରିଲ୍, 2014 ତାରିଖରେ ଗୋଆ ଫାଉଣ୍ଡେସନ ବନାମ ୟୁଓଆଇ ମାମଲାରେ ପ୍ରଦତ୍ତ ଆଦେଶ। (iii) 1995 ର ଡବ୍ଲ୍ୟୁ.ପି. (ସି) ସଂଖ୍ୟା 202, 28 ଏପ୍ରିଲ୍, 2023 ତାରିଖରେ ଟି.ଏନ୍. ଗୋଦାବର୍ମନ ଥିରୁମୁଲପାଦ ବନାମ ୟୁଓଆଇ ମାମଲାରେ ପ୍ରଦତ୍ତ ଆଦେଶ। |
| ୨. | ପ୍ରଦୂଷଣ (ଜଳ, ବାୟୁ, ମୃତ୍ତିକା, ଶବ୍ଦ ଇତ୍ୟାଦି)ସୃଷ୍ଟି କରୁଥିବା ଉଦ୍ୟୋଗଗୁଡିକର ସ୍ଥାପନ । | ଇକୋ-ସମ୍ବେଦନଶୀଳ ଜୋନ୍ ରେ କୌଣସି ନୂତନ ପ୍ରଦୂଷଣକାରୀ ଉଦ୍ୟୋଗଗୁଡିକର ସ୍ଥାପନ କିମ୍ବା ବର୍ତ୍ତମାନ ପ୍ରଦୂଷଣ କରୁଥିବା ଉଦ୍ୟୋଗର ବିସ୍ତାରକୁ ଅନୁମତି ଦିଆଯିବ ନାହିଁ । ବିଦ୍ୟମାନ ଉଦ୍ୟୋଗଗୁଡିକ ଦ୍ୱାରାବ ପ୍ରଦୂଷଣ ପ୍ରତିରୋଧ ପ୍ରଯୁକ୍ତିବିଦ୍ୟା ଏବଂ ଶବ୍ଦ ଅବରୋଧକ ସ୍ଥାପନ କରାଯିବା ଉଚିତ । |
| ୩. | ବୃହତ୍ ଜଳ ବିଦ୍ୟୁତ୍ ପ୍ରକଳ୍ପର ସ୍ଥାପନା । | ନିଷେଧ । |
| ୪. | ଏକ ବିପଜ୍ଜନକ ପଦାର୍ଥର ବ୍ୟବହାର କିମ୍ବା ଉତ୍ପାଦନ କିମ୍ବା ପ୍ରକ୍ରିୟାକରଣ । | ନିଷେଧ। |
| ୫. | ପ୍ରାକୃତିକ ଜଳାଶୟରେ କିମ୍ବା ସ୍ଥଳଭାଗରେ ଅଶୋଧିତ ଦୂଷିତ ଜଳପ୍ରବାହର ନିଷ୍କାସନ । | ନିଷେଧ । |
| ୬. | କରତ କଳ ସ୍ଥାପନ। | ଇକୋ-ସମ୍ବେଦନଶୀଳ ଜୋନ୍ ମଧ୍ୟରେ କୌଣସି ନୂତନ କରତ କଳର ସ୍ଥାପନ କିମ୍ବା ବିଦ୍ୟମାନ କରତ କଳର ବିସ୍ତାର ନିମିତ୍ତ ଅନୁମତି ଦିଆଯିବ ନାହିଁ । |
| ୭. | ଇଟାଭାଟିର ସ୍ଥାପନ। | ନିଷେଧ । |

